ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.22 . No.218, Bhubaneswar Saturday, October 12, 2019 | ୨୨ତମ ବର୍ଷ ସଂଖ୍ୟା-୨୧୮ ଭୁବନେଶ୍ୱର ଶନିବାର, ଅକ୍ଟୋବର ୧୨, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


# ବିଜେପୁରର ଦାୟିତ୍ୱ ନେବା କହି ଅଂଚଳବାସୀଙ୍କୁ ପ୍ରତାରିତ କରିଛନ୍ତି ମୁଖ୍ୟମନ୍ତ୍ରୀ : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର/ବିଜେପୁର, ୧୧।୧୦(ପି.ଏନ୍): ବିଜେପୁରର ଦାୟିତ୍ୱ ନେବା କହି ଅଂଚଳବାସୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତାରଣା କରିଛନ୍ତି ବୋଲି ଶୁକ୍ରବାର ବିଜେପୁର ଉପନିର୍ବାଚନ ପରିପ୍ରେକ୍ଷୀରେ ବିଜେପୁର ନିର୍ବାଚନ ମଣ୍ଡଳିର ଗାଇସିଲଟ୍ ବ୍ଲକର ତାଳପାଲି ଓ ଆଗଲପୁର ଠାରେ ବିଜେପି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ କହିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ବିଜେପୁରରେ କଣ ପାଇଁ ଉପନିର୍ବାଚନ ହେଉଛି ? ଏହା ମୂଳ ପ୍ରସଙ୍ଗ । ଗତ ସାଧାରଣ ନିର୍ବାଚନରେ ବିଜେପୁରବାସୀ ମୁଖ୍ୟମନ୍ତ୍ରୀଙ୍କୁ ଭରସା କରି ଭୋଟ ଦେଇଥିଲେ । 'ମୁଁ ବିଜେପୁରର ବିକାଶ କରିବି' ବୋଲି ମୁଖ୍ୟମନ୍ତ୍ରୀ ନିର୍ବାଚନ ପ୍ରଚାରରେ କହିଥିଲେ କିନ୍ତୁ ବିଜେପୁରରେ ବିଜୟ ହାସଲ କରିବା ପରେ ମଧ୍ୟ ଏଠାରେ ବିକାଶ କୁଆଡେ ଗଲା ? ଲମ୍ବା ସମୟ ଧରି ଶାସନରେ ଥିବା ମୁଖ୍ୟମନ୍ତ୍ରୀ କାହିଁକି ହିଞ୍ଜିଳି ଆସନରୁ ନଓହରି ବିଜେପୁର ଆସନରୁ ଓହରିଗଲେ ? କାହିଁକି ବିଜେପୁରବାସୀଙ୍କ ଭରସାକୁ ମୁଖ୍ୟମନ୍ତ୍ରୀ ପ୍ରତାରଣା କଲେ ?"ଶ୍ରୀ ପ୍ରଧାନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଶାସନ ବ୍ୟବସ୍ଥା ମିଛ ତଥ୍ୟ ତଥା ଛଳ ଆଧାରରେ ଅଛି । ମୁଖ୍ୟମନ୍ତ୍ରୀ ସାଧାରଣ ନିର୍ବାଚନରେ ଦେଇଥିବା ଗୋଟିଏ ପ୍ରତିଶ୍ରୁତି ପୂରଣ କରିନାହାନ୍ତି । ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡିଶାର ଲୋକଙ୍କ ଭାବନା ସହିତ ଛଳନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଭରସା କରିବା ବିଜେପୁରବାସୀଙ୍କ ଭୁଲ ଥିଲା କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ । ସେହିପରି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମାଁ ସମଲେଇଙ୍କ ପାଖରେ ଶପଥ ରଖି କୁହନ୍ତୁ ବିଜେପୁର ପାଇଁ ସେ କଣ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୁଁ କାହା ବିରୋଧରେ ନୁହେଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏଠାକୁ ପ୍ରଚାର କରିବାକୁ ଆସିଛି । ମୁଖ୍ୟମନ୍ତ୍ରୀଙ୍କ ଅନୁଯାୟୀ କହୁଛନ୍ତି ଏଥର ଭୋଟ କମିବ କିନ୍ତୁ ଆମେ ଜିତିବୁ । ମାତ୍ର ଏପରି ଅହଙ୍କାରର ଦମ୍ଭୋକ୍ତି ଦେଖାଉଥିବା ଲୋକଙ୍କର ଦୀପ ଜଳିବାର ସମୟ ଆସିଛି । ଲିଭିବା ବେଳେ ଦ୍ୱୀପ ଯୋରରେ ଜଳେ ବୋଲି ସେ କହିଛନ୍ତି । ରାଜ୍ୟ ସରକାର ଏବେ ମୋ ସରକାର ଯୋଜନା ଆରମ୍ଭ କରିଛନ୍ତି । ତେବେ ଏହା ପୂର୍ବରୁ ରାଜ୍ୟରେ କାହା ସରକାର ଥିଲା ? ଦୁର୍ନୀତିଗ୍ରସ୍ତ ଲୋକଙ୍କର ନା ଚିଟଫଣ୍ଡ ଚୋର ମାନଙ୍କର ନା ଓଡିଆ ଲୋକଙ୍କୁ ଠକୁଥିବା ଲୋକଙ୍କର ସରକାର ଥିଲା ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନାରେ ଯାଜପୁର ଜିଲ୍ଲାରେ ଏସପି ଡାକ୍ତରଖାନା ତଦାରଖ କରିବାକୁ ଯାଉଛନ୍ତି । ତେବେ ଡାକ୍ତରଖାନା ତଦାରଖ ପାଇଁ ଜିଲ୍ଲପାଳ କୁଆଡେ ଗଲେ ବୋଲି ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଜେପୁରରେ ଏବେ ସୁଦ୍ଧା ମଧ୍ୟ ପ୍ରତି ଘରକୁ ପାଇପରେ ବିଶୁଦ୍ଧ ପାଣି ପହଁଚି ପାରିନାହିଁ, ଜଳସେଚନର ବ୍ୟବସ୍ଥା ହୋଇନାହିଁ, ବିଜେପୁର ଅଂଚଳରେ ଗଙ୍ଗାଧର ଜଳସେଚନ ପ୍ରକଳ୍ପ ଆଗେଇ ପାରିଲା ନାହିଁ ଯୁବକଙ୍କୁ ରୋଜଗାର ମିଳିନାହିଁ । ତା' ହେଲେ ମୁଖ୍ୟମନ୍ତ୍ରୀ ବିଜେପୁରରେ କେଉଁ ଦାୟିତ୍ୱ ନେଇଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି । ବିନା କାମରେ ବିନା ଦାୟିତ୍ୱରେ ବାରମ୍ବାର ଲୋକମାନଙ୍କୁ ଯେଉଁମାନେ ମିଛ କୁହନ୍ତି ତାଙ୍କୁ ଗଣତନ୍ତ୍ରରେ ଉତର ଦେବାର ଆବଶ୍ୟକତା ଥାଏ ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ନରେନ୍ଦ୍ର ମୋଦିଙ୍କ ସରକାର ଧାନର ଏମଏସପି ମୂଲ୍ୟ ଦେଢ ଗୁଣା ବୃଦ୍ଧି କରିବା ପରେ ମଧ୍ୟ ଏଠାରେ ଧାନର ମୂଲ୍ୟ କ୍ୱିଂଟାଲ୍ ପିଛା ୧୨୦୦ ଟଙ୍କାରେ ବିକ୍ରି ହେଉଛି ।"ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ ଅତିରିକ୍ତ ବୋନସ କଥା ଘୋଷଣାରେ ରହିଯାଇଛି । ଚାଷୀଙ୍କ ପରିବର୍ତେ ମୁଖ୍ୟମନ୍ତ୍ରୀ ଓ ନେତାଙ୍କ ପାଖ ଲୋକ ଏଠାରେ କାଳିଆ ଟଙ୍କା ପାଇଥିବା ଜଣାପଡିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସମସ୍ତଙ୍କ ମୁଣ୍ଡ ଉପରେ ଘର, ପ୍ରତି ଘରକୁ ନଳ ଯୋଗେ ପିଇବା ପାଣି, ଘରକୁ ବିଜୁଳି ଓ ଉଜ୍ଜଳା ଗ୍ୟାସ ଦେବାର ଦାୟତ୍ୱ ନେବା ବ୍ୟକ୍ତିତ୍ୱର ନାଁ ନେଲା ନରେନ୍ଦ୍ର ମୋଦି । ପଶ୍ଚିମ ଓଡିଶାରେ ବିକାଶ କରିବା ପାଇଁ ମୋଦି ସରକାର ପ୍ରତିବଦ୍ଧ । ଯେ କାମ କରୁଛି ତାକୁ ଭରସା କରିବା ଦରକାର, ଯେ ପ୍ରତାରଣା କରୁଛି ତାକୁ ନୁହେଁ ବୋଲି ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ସମ୍ବୋଧନ କରି କହିଛନ୍ତି । ତେଣୁ ଦେଶରେ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି ଅବସରରେ ଶ୍ରୀ ପ୍ରଧାନ ବିଜେପୁରର ବିଭିନ୍ନ ସ୍ଥାନରେ ଦଳୀୟ ଶୋଭାଯାତ୍ରାରେ ପ୍ରାର୍ଥୀ ସନତ ଗଡତିଆ ଓ ବରିଷ୍ଠ ନେତାଙ୍କ ସହ ଯୋଗଦେଇ ଦଳୀୟ ପ୍ରାର୍ଥୀ ଶ୍ରୀ ଗଡତିଆଙ୍କୁ ପଦ୍ମ ଫୁଲରେ ମୋହରମାରି ଜୟଯୁକ୍ତ କରିବାକୁ ସାଧାରଣ ଜନତାଙ୍କୁ ନିବେଦନ କରିଥିଲେ ।

## କାଶ୍ମୀର ଭାରତର ଅବିଭାଜ୍ୟ ଅଙ୍ଗ : ଅମିତ ଶାହ

ମୁମ୍ବାଇ, ୧୧।୧୦(ପି.ଏନ): ଭାରତୀୟ ଜନତା ପାର୍ଟୀର ରାଷ୍ଟ୍ରୀୟ ସଭାପତି ତଥା ଗୃହ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ କାଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ । କାଶ୍ମୀର ସମ୍ପୂର୍ଣ୍ଣ ରୂପେ ଭାରତ ସହ ଯୋଡି ହେଉ ତାହା ଦେଶବାସୀ ଚାହୁଁଥିବା ବେଳେ କେବଳ କଂଗ୍ରେସ ଓ ଏନସିପି ଏହାର ବିରୋଧ କରୁଛନ୍ତି । ଶୁକ୍ରବାର ବୁଲଢାଣା ଠାରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇ ଶ୍ରୀ ଶାହ ଏହା କହିଛନ୍ତି । ସେ କହିଛନ୍ତି ଯେ କଂଗ୍ରେସ ଓ ଏନସିପି କେବଳ ନିଜ ପରିବାରର ବିକାଶ କଥା ହିଁ ଚିନ୍ତା କରି ଆସିଛନ୍ତି। ବିଦର୍ଭ ବିକାଶ ପାଇଁ ଛଟପଟ ହେଉଥିଲା କିନ୍ତୁ କଂଗ୍ରେସ ଓ ଏନସିପି ବିଦର୍ଭର ବିକାଶ କରି ନ ଥିଲେ । ବିଜେପି ସରକାର ଆସିବା ପରେ ବିଦର୍ଭର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥିଲା । ବିଦର୍ଭକୁ ବିକାଶ ପଥରେ ଅଗ୍ରସର କରାଇଥିବା ବିଜେପି ମେଂଟର ପ୍ରାର୍ଥୀ ମାନଙ୍କୁ ଭୋଟ ଦେବା ପାଇଁ ଶ୍ରୀ ଶାହ ଅପିଲ କରିଛନ୍ତି । ଶ୍ରୀ ଶାହ କହିଛନ୍ତି ଯେ କଂଗ୍ରେସ ଓ ଏନସିପିର ନେତା ମାନେ ପ୍ରଶ୍ନ ଉଠାଉଛନ୍ତି ଯେ ମହାରାଷ୍ଟ୍ରର ନିର୍ବାଚନରେ ଧାରା ୩୭୦ କଥା କାହିଁକି ଉଠୁଛି । ମହାରାଷ୍ଟ୍ର ନୁହେଁ ସମଗ୍ର ଦେଶର ଲୋକ ମାନେ ଚାହୁଁଥିଲେ ଧାରା ୩୭୦ ହଟୁ । କିନ୍ତୁ କଂଗ୍ରେସ ଓ ଏନସିପି ନେତା ମାନେ ଚାହୁଁ ନ ଥିଲେ । ସେ କହିଛନ୍ତି ଯେ କଂଗ୍ରେସ ନେତା ସଂସଦରେ କହିଥିଲେ ଯେ ଧାରା ୩୭୦ ହଟିବା ପରେ କାଶ୍ମୀରରେ ରକ୍ତର ନଦୀ ବୋହିବ । କିନ୍ତୁ ଗୋଟିଏ ହେଲେ ଗୁଳି ଚାଲି ନାହିଁ । ବିଶ୍ୱର ଅନେକ ଦେଶ ନିଜ ନିଜ ରାଗ ଆଳାପ କରିବାରେ ବ୍ୟସ୍ତ ଅଛନ୍ତି । ପ୍ରଧାନମନ୍ତ୍ରୀ ଜୋର ଦେଇ କହିଛନ୍ତି ଯେ ଏହା ଭାରତର ଆଭ୍ୟନ୍ତରୀଣ ମାମଲା ।

## କାଳିଆର ହେବ ବ୍ରେନ୍ ଏମଆରଆଇ

ଭୁବନେଶ୍ୱର, ୧୧।୧୦(ପି.ଏନ): କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗାକାଳିଆଙ୍କ ମଧ୍ୟରୁ ଜଗା ସୁସ୍ଥ ଥିବା ବେଳେ କାଳିଆର ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଛି । ଆବଶ୍ୟକ ହେଲେ କାଳିଆକୁ ଭେଂଟିଲେଟରରେ ରଖାଯାଉଛି । ଖୁବ କମ ଦିନ ମଧ୍ୟରେ କାଳିଆର ବ୍ରେନ ଏମଆରଆଇ କରାଯିବ ବୋଲି ଏସସିବି ନ୍ୟୁରୋ ସର୍ଜରୀ ଏଚ୍ଓଡି ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି । ଦିଲ୍ଲୀ ଏମସରୁ ଦୁଇ ଭାଇଙ୍କ ମୁଣ୍ଡ ଅଲଗା ହେବା ପରେ ଉଭୟ ଜଗା କାଳିଆ ବର୍ତମାନ ଏସସିବିରେ ରହି ଚିକିତ୍ସିତ ହେଉଛନ୍ତି । ତେବେ ଦିଲ୍ଲୀରୁ ଫେରିବା ପରେ ଜଗା ପ୍ରାୟତଃ ସୁସ୍ଥ ରହିଥିଲେ ହେଁ କାଳିଆର ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରେ ଲାଗିଥିଲା । କାଳିଆର ଛାତିରେ ସଂକ୍ରମଣ ଓ ନିମୋନିଆ କାରଣରୁ ତାକୁ ଗୁରୁତର ଅବସ୍ଥାରେ ଭେଂଟିଲେଟରରେ ରଖାଯାଇଥିଲା । ଦିଲ୍ଲୀ ସ୍ଥିତ ଏମସ୍ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କାଳିଆର ଚିକିତ୍ସା କରାଯାଇଥିଲା ।

## ଆକାଂକ୍ଷୀ ଜିଲ୍ଲା ପାଇଁ ୧୦ ସଚିବଙ୍କୁ ଦାୟିତ୍ୱ ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର,୧୧।୧୦(ପି.ଏନ): ରାଜ୍ୟ ସରକାର ଓଡ଼ିଶାର ୧୦ଟି ଆକାଂକ୍ଷୀ ଜିଲ୍ଲା ଲାଗି ୧୦ ଜଣ ବରିଷ୍ଠ ଅଧିକାରୀଙ୍କୁ ଭାରପ୍ରାପ୍ତ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି । ଏହି ଅଧିକାରୀମାନେ ସମସ୍ତେ ସଚିବ ସ୍ତରର । ଏନେଇ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ବିଜ୍ଞପ୍ତି ଅନୁଯାୟୀ କୃଷି ଉତ୍ପାଦନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କିଶୋର ମହାପାତ୍ରଙ୍କୁ ଢେଙ୍କାନାଳ ଜିଲ୍ଲାର ଦାୟିତ୍ୱ ଦିଆଯାଇଥିବା ବେଳେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗଙ୍କୁ ରାୟଗଡ଼ା ଜିଲ୍ଲା , କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ସଚିବ ସୌରଭ ଗର୍ଗଙ୍କୁ କୋରାପୁଟ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ଡି.ଆର.କେ ସିଂଙ୍କୁ କଳାହାଣ୍ଡି ଜିଲ୍ଲା ଦାୟିତ୍ୱ ଦିଆଯାଇଛି । ସେହିପରି ଗୃହ ବିଭାଗର ପ୍ରମୁଖ ସଚିବ ସଂଜୀବ ଚୋପ୍ରାଙ୍କୁ କନ୍ଧମାଳ , ଶିଳ୍ପ ଓ ଏମ୍ଏସ୍ଏମ୍ଇ ବିଭାଗର କମିସନରତଥା ସଚିବ ହେମନ୍ତ ଶର୍ମାଙ୍କୁ ନବରଙ୍ଗପୁର , ଉଚ୍ଚଶିକ୍ଷା ବିଭାଗ କମିସନର ତଥା ସଚିବ ଶାଶ୍ୱତ ମିଶ୍ରଙ୍କୁ ନୂଆପଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିସନର ତଥା ଡ.ପ୍ରମୋଦ ମେହେର୍ଦ୍ଧାଙ୍କୁ ବଲାଙ୍ଗୀର ଜିଲ୍ଲା , କୌଶଳ ବିକାଶ ବିଭାଗ କମିସନର ତଥା ସଚିବ ଏସ୍.କେ ସିଂ ଙ୍କୁ ଗଜପତି ଓ ଖାଦ୍ୟ ସୁରକ୍ଷା ବିଭାଗ କମିସନର ତଥା ସଚିବ ଭି.ଭି. ଯାଦବଙ୍କୁ ମାଲକାନଗିରି ଜିଲ୍ଲାର ଦାୟିତ୍ୱ ଦିଆଯାଇଛି । ଏହି ଅଧିକାରୀମାନେ ଏହି ୧୦ଟି ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସଂପଦ, ଅର୍ଥ , କୌଶଳ ବିକାଶ ଓ ମୌଳିକ ଭିତିଭୂମିର ବିକାଶ ନେଇ ତଦାରଖ କରିବେ । ଏହାସହ ଜଳସେଚନ, ଗ୍ରାମୀଣ ବିଦ୍ୟୁତିକରଣ, ପାନୀୟଜଳ ଯୋଗାଣ ଓ ଶୌଚାଳୟ ସ୍ଥାପନ ଉପରେ ମଧ୍ୟ ନଜର ରଖିବେ ।

## ଭୁବନେଶ୍ୱରରୁ ନୟାଗଡ ଚାଲିବ ଏକ୍ସପ୍ରେସ୍ ଟ୍ରେନ୍

ଭୁବନେଶ୍ୱର, ୧୧।୧୦(ପି.ଏନ): ଆସନ୍ତା ୧୫ ତାରିଖରୁ ଭୁବନେଶ୍ୱରରୁ ନୟାଗଡ଼କୁ ଚାଲିବ ଏକ୍ସପ୍ରେସ୍ ଟ୍ରେନ୍ । ଏହି ଟ୍ରେନ୍ ର ନାଁ ହେଉଛି 'ସେବା ସର୍ଭିସ୍ ଏକ୍ସପ୍ରେସ୍' । ଏନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଟ୍ରେନ୍ ସଂଧ୍ୟା ୬ଟା ୪୦ରେ ଭୁବନେଶ୍ୱର ଛାଡ଼ି ରାତି ୮.୪୫ରେ ନୟାଗଡ଼ରେ ପହଂଚିବ । ତା'ପରଦିନ ସକାଳ ୬ଟା ୩୦ରେ ନୟାଗଡ଼ରୁ ଛାଡ଼ି ସକାଳ ୯ଟାରେ ଭୁବନେଶ୍ୱର ପହଂଚିବ ।

## ଲୋକସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ କମିଟିରେ ସ୍ଥାନ ପାଇଲେ ସୂର୍ଯ୍ୟ ପାତ୍ର

ଭୁବନେଶ୍ୱର, ୧୧।୧୦(ପି.ଏନ): ଲୋକସଭା ବାଚସ୍ପତି ତଥା ଅଖିଳ ଭାରତ ବାଚସ୍ପତିମାନଙ୍କ ସମ୍ମିଳନୀର ଅଧ୍ୟକ୍ଷ ଶ୍ରୀ ଓମ୍ ବିର୍ଲା ଦେଶର ୭ଟି ବିଧାନସଭାର ବାଚସ୍ପତିମାନଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି । ଏହି କମିଟି ବିଧାନସଭାଗୁଡ଼ିକର କାର୍ଯ୍ୟ ପରିଚାଳନାରେ ବ୍ୟବହାର ହେଉଥିବା କମ୍ପ୍ୟୁଟର ଓ ସୂଚନା ପ୍ରଯୁକ୍ତିର ମୂଲ୍ୟାୟନ କରିବେ ଓ ଏ ଦିଗରେ ଆଗାମୀ ପଦକ୍ଷେପ ସଂପର୍କରେ ପ୍ରସ୍ତାବ ଦେବେ । ଏହି କମିଟିରେ ଅନ୍ୟତମ ସଦସ୍ୟ ଭାବେ ଓଡ଼ିଶାର ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ସ୍ଥାନ ପାଇଛନ୍ତି । ଓଡ଼ିଶା ବ୍ୟତୀତ ଆସାମ, ଉତରାଖଣ୍ଡ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପୁଡୁଚେରୀ ବିଧାନସଭାର ବାଚସ୍ପତିମାନେ ମଧ୍ୟ ଏହାର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ।

## ନାବାର୍ଡ ନାଁରେ ଜାଲିଆତି କରି ଲକ୍ଷାଧିକ ଟଙ୍କା ଠକେଇ

ଭଦ୍ରକ, ୧୧।୧୦(ପି.ଏନ): ନାବାର୍ଡ ନାମରେ ଜାଲ କାଗଜପତ୍ର କରି ସ୍ୱୟଂ ସହାୟକ ଗୋଷ୍ଠୀରୁ ଚଂଚକତା ଭାବେ ଋଣ ଦେବାର କହି ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବାର ଅଭିଯୋଗ ହୋଇଛି । ଏଭଳି ଏକ ଗୁରୁତର ଅଭିଯୋଗ ଆଣିଛନ୍ତି ଏହି ଜିଲାର ଧୁଷୁରୀ ଥାନା ଅଧୀନସ୍ଥ ମଙ୍ଗଳପୁର ଅଂଚଳର କିଛି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା । ସେମାନଙ୍କ ଅଭିଯୋଗ ମୂଳେ ଉକ୍ତ ଗ୍ରାମର ସ୍ୱପ୍ନେଶ୍ୱର ମଳିକ ଓ ତାଙ୍କ ପତ୍ନୀ ଗାୟତ୍ରୀ ଶୁଭମ ଫ୍ରେଣ୍ଡସିପ୍ ଫାଇନାନ୍ସ ଲିମିଟେଡ୍ ନାମକ ଏକ ଚିଟ୍ଫଣ୍ଡ ସଂସ୍ଥା ଖୋଲି ନାବାର୍ଡ ନାମରେ ଜାଲ୍ କାଗଜପତ୍ର ତିଆରି କରି କେତେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣଦେବା ଆଳରେ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି । ଏହି ପତି-ପତ୍ନୀ ଦୁହେଁ ନାବାର୍ଡ କଂପାନୀର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବାର ବିଶ୍ୱାସ ଜନ୍ମାଇ ସେମାନଙ୍କୁ ପ୍ରଲୋଭିତ କରିଥିଲେ । ଏବଂ ସେହି କଂପାନୀରେ ଫିଲ୍ଡ୍ ଅଫିସର ଭାବେ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇଥିଲେ । ଏହିଭଳି ଭାବେ ନିରୀହ ଓ ଗରିବ ଶ୍ରେଣୀର ଲୋକଙ୍କୁ ବଶୀଭୂତ କରାଇ ସ୍ୱୟଂ ସହାୟକ ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ଠକି ନେଇଥିଲେ । ପରବର୍ତ୍ତୀ ଉକ୍ତ ଠକାମୀର ସମ୍ମୁଖୀନ ହୋଇଥିବା ଲୋକମାନେ ତାଙ୍କୁ ଟଙ୍କା ଫେରାଇବା କଥା କହିବାରୁ ସେମାନେ ତାଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ । ଏହି ଘଟଣା ସଂପର୍କରେ ଆଜି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଜିଲାପାଳଙ୍କୁ ଭେଟି ଅଭିଯୁକ୍ତମାନଙ୍କ ବିରୁଦ୍ଧେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି ।

## ବରଗଡରେ କାରରୁ ମିଳିଲା ୧୯ ଲକ୍ଷ ଟଙ୍କା

ଭୁବନେଶ୍ୱର,୧୧।୧୦(ପି.ଏନ): ବିଜେପୁର ଉପନିର୍ବାଚନ ପାଇଁ ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ ରାଜନୈତିକ ଦଳ ମାନଙ୍କ ପକ୍ଷରୁ ପ୍ରଚାର ଜୋର ଧରିଲାଣି । ଏବେ ସେଠାରେ ବଡ଼ ବଡ଼ ନେତା, ମନ୍ତ୍ରୀ ଭିଡ଼ ଜମାଇଲେଣି । ଏପରି ସ୍ଥିତିରେ ଗୁରୁବାର ରାତିରେ ବରଗଡ଼ ଜିଲ୍ଲା ବରାପାଲି ନିକଟରେ ଏକ କାରରୁ ୧୯ ଲକ୍ଷ ଟଙ୍କା ଜବତ କରିଛି ଫ୍ଲାଇଂ ସ୍କ୍ୱାର୍ଡ । ପୋଲିସ୍ କାର ମାଲିକ ପରାଗ ଅଗ୍ରୱାଲଙ୍କୁ ଏସମ୍ପର୍କରେ ପଚରାଉଚରା କରୁଛି । ସୂଚନା ଅନୁଯାୟୀ ଗତ ରାତିରେ ବଲାଙ୍ଗିର ସୀମାରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ବରପାଲି ବିଡିଓ ଓ ଫ୍ଲାଇଂ ସ୍କ୍ୱାର୍ଡ ଗାଡ଼ି ଯାଂଚ କରୁଥିଲେ । ଏହି ସମୟରେ ପରାଗ ବରପାଲି ରାସ୍ତା ଦେଇ କାରରେ ଯାଉଥିଲେ । ଫ୍ଲାଇଂ ସ୍କ୍ୱାର୍ଡ ତାଙ୍କ ଗାଡ଼ିକୁ ଅଟକାଇ ଯାଂଚ କରିଥିଲା । ଯାଂଚ ବେଳେ ତାଙ୍କ ଗାଡ଼ି ଭିତରୁ ୧୯ ଲକ୍ଷ ଟଙ୍କା ବାହାରିଥିଲା । ପରାଗଙ୍କ ଘର ଛତିଶଗଡ଼ ମହାସମୁନ୍ଦ ଜିଲ୍ଲା ବଗବାହାଡ଼ା ଅଂଚଳରେ । ସେ ଜଣେ ବ୍ୟବସାୟୀ ବୋଲି ପୋଲିସ୍ ଆଗରେ କହିଛନ୍ତି । ଏହି ଟଙ୍କା ତାଙ୍କର ଓ ବ୍ୟବସାୟ ପାଇଁ ସେ ଏହି ଟଙ୍କା ଆଣିଛନ୍ତି ବୋଲି କହିଛନ୍ତି । ତେବେ ଏହି ଟଙ୍କା କେଉଁଠୁ ଆସିଲା, ପରାଗ କୁଆଡ଼େ ନେଉଥିଲେ ସେନେଇ ଆୟକର ବିଭାଗ ତଦନ୍ତ କରିବ ବୋଲି ପୋଲିସ୍ କହିଛି ।

## ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ : ଝିଅମାନଙ୍କୁ ସମାନତା ପ୍ରଦାନର ପରମ୍ପରା ପରିବାର ଭିତରୁ ଆରମ୍ଭ ହେବା ଆବଶ୍ୟକ




ଭୁବନେଶ୍ୱର,୧୧।୧୦(ପି.ଏନ): ସମାଜର ବିଭିନ୍ନ ସ୍ତରରେ ଝିଅମାନେ ସୁନାମ ଅର୍ଜନ କଲେଣି । ଉଡାଜାହାଜ ପାଇଲଟ୍ ହେବାଠାରୁ ମହାକାଶ ଗବେଷଣା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଝିଅମାନେ ନିଜର ଦକ୍ଷତା ପ୍ରଦର୍ଶନ କଲେଣି । ସେମାନଙ୍କ ମଧ୍ୟରେ ଥିବା ଶକ୍ତି ଏବଂ ସାମର୍ଥ୍ୟର ସଂପୂର୍ଣ୍ଣ ଉପଯୋଗ କରି ଆମେ ଏକ ଉନ୍ନତ ସମାଜ ଓ ରାଷ୍ଟ୍ର ନିର୍ମାଣ କରିପାରିବା । ଝିଅମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ଏବଂ ଅଧିକାର ମିଳିବା ଆବଶ୍ୟକ ଏବଂ ଏହି ସମାନତା ପ୍ରଦାନର ସୁସ୍ଥ ପରମ୍ପରା ପ୍ରତି ପରିବାରରୁ ଆରମ୍ଭ ହେବା ଉଚିତ ବୋଲି ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ 'ସେଭ୍ ଦି ଚିଲ୍ଡ୍ରେନ୍'ର ମିଳିତ ସହଯୋଗରେ ଆୟୋଜିତ ଅନ୍ତର୍ଜାତୀୟ ବାଳିକା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଡ. ମିନତି ବେହେରା କହିଲେ, ଝିଅମାନଙ୍କ ମାଧ୍ୟମରେ ସମାଜରେ ପରିବର୍ତନ ସମ୍ଭବ । ଯଦି ଗୋଟିଏ ଝିଅର ମାନସିକ-ଶାରୀରିକ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଏ, ତେବେ ପରବର୍ତୀ ସମୟରେ ସେହି ଝିଅ ସମାଜ ପାଇଁ ବରଦାନ ସଦୃଶ ହୋଇଥାଏ । ଏହାକୁ ଉପଲବ୍ଧି କରି ପ୍ରତ୍ୟେକ ପିତାମାତା ଝିଅମାନଙ୍କ ଲାଳନପାଳନ ପାଇଁ ବିଶେଷ ଯତ୍ନବାନ ହେବା ଆବଶ୍ୟକ । ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ କହିଲେ, ଝିଅ ଏବଂ ପୁଅମାନଙ୍କ ମଧ୍ୟରେ କୌଣସି ତାରତମ୍ୟ ରହିବା ଉଚିତ ନୁହେଁ । ଝିଅଟି ଭିତରେ ଆତ୍ମବଳ ଏବଂ ଆତ୍ମବିଶ୍ୱାସ ଭରି ଦେବାରେ ପିତାମାତାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଅନ୍ୟମାନଙ୍କ ମଧ୍ୟରେ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ, ଓଡ଼ିଶା ପର୍ଯ୍ୟଟନ ନିଗମର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗର ଉପଦେଷ୍ଟା ସୁଲତା ଦେଓ, ରାଜ୍ୟ ସରକାରଙ୍କ ଶିଶୁ କଲ୍ୟାଣ ପରିଷଦର ସଦସ୍ୟ ସଚିବ କୁମାର ସୁଲତାନ, 'ସେଭ୍ ଦି ଚିଲ୍ଡ୍ରେନ୍' ସ୍ୱେଚ୍ଛାସେବୀ ସଂସ୍ଥାର କିଶୋର କାର୍ଯ୍ୟକ୍ରମର ମୁଖ୍ୟ ଶ୍ରୀ ପ୍ରଦୀପ କୁମାର ମିଶ୍ର ପ୍ରମୁଖ ଉଦ୍ବୋଧନ ଦେଇ ମହିଳା ସଶକ୍ତିକରଣରେ ପୁରୁଷମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ଏବଂ ଝିଅମାନେ ନିଜ ଅଧିକାର ସାବ୍ୟସ୍ତ କରିବା ଦିଗରେ ସଚେତନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ଓଡ଼ିଶା ଖୋ-ଖୋ ବାଳିକା ଟିମ୍ର ଚମ୍ପିଅନ୍ ଅନନ୍ୟା ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚରେ ଉପସ୍ଥିତ ଥିଲେ । ଜାତିସଂଘ ଦ୍ୱାରା ଘୋଷଣା କରାଯିବା ପରେ ୨୦୧୨ ମସିହାରୁ ଅ।ନ୍ତର୍ଜାତିକ ବାଳିକା ଦିବସ ପାଳନ କରାଯାଉଛି ଏବଂ ଚଳିତ ବର୍ଷର ଥିମ୍ ରହିଛି 'ଅଜେୟ ଏବଂ ଅବର୍ଣ୍ଣନୀୟ-ବାଳିକା ଶକ୍ତି' । ବାଳିକାମାନଙ୍କ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ମାନବିକ ଅଧିକାର ପୂରଣ ଦିଗରେ ସଚେତନତା ସୃଷ୍ଟି ଏହି ଦିବସ ପାଳନର ମୁଖ୍ୟ ଆଭିମୁଖ୍ୟ । ଏହି ଅବସରରେ ବାଲ୍ୟବିବାହ ନିରୋଧ କ୍ଷେତ୍ରରେ 'ସେଭ୍ ଦି ଚିଲ୍ଡ୍ରେନ୍' ପକ୍ଷରୁ ଓଡ଼ିଶା, ବିହାର ଏବଂ ରାଜସ୍ଥାନରେ କାର୍ଯ୍ୟ କରୁଥିବା ପ୍ରକଳ୍ପ ସଂଯୋଜକମାନେ ମତବ୍ୟକ୍ତ କରିଥିଲେ । ସେହିଭଳି ନୂଆପଡ଼ାର ଶାଳିନୀ ସାହୁ, କେନ୍ଦ୍ରାପଡ଼ାର ଶୁଭସ୍ମିତା ତ୍ରିପାଠୀ ଏବଂ କନ୍ଧମାଳର ଜୁଲିମା ମଲ୍ଲିକ ପ୍ରମୁଖ ତିନିଜଣ ବାଳିକା ବାଲ୍ୟବିବାହ ପ୍ରତିରୋଧ କ୍ଷେତ୍ରରେ ସଚେତନତା ସୃଷ୍ଟି ସଂପର୍କରେ ନିଜର ଅନୁଭୂତି ବଖାଣିଥିଲେ । ଅଧାରୁ ପାଠ ଛାଡୁଥିବା ଝିଅମାନଙ୍କୁ ପୁଣି ସ୍କୁଲରେ ଭର୍ତି କରିବା, ବାଲ୍ୟବିବାହ ରୋକିବା ଭଳି ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଥିବା ୨୫ ଜଣ ବାଳିକାଙ୍କୁ ଏକ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି ତଥା କିଶୋରୀ ଏବଂ ରାଜ୍ୟର କୋଣ-ଅନୁକୋଣରୁ ଶିଶୁ ଚମ୍ପିଅନ୍ମାନେ ଯୋଗ ଦେଇଥିଲେ ।

## ଗ୍ରୁପ୍ ଋଣ ପରିଶୋଧ ନକରିବାରୁ ୩ ପରିବାର ଭିଟାମାଟି ଛାଡିଲେ

ଭଦ୍ରକ, ୧୧।୧୦(ପି.ଏନ): ଏହି ଜିଲାର ତିହିଡି ଅଂଚଳରେ ଥିବା ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ନିଜ ବ୍ୟବସାୟର ପସରା ମେଲାଇଛନ୍ତି । ଏହି ସଂସ୍ଥା ଗୁଡିକ ମହିଳାମାନଙ୍କ ଋଣ ପରିଶୋଧର ସାମର୍ଥ୍ୟକୁ ବିଚାର ନକରି ମନଇଚ୍ଛା ଋଣ ପ୍ରଦାନ କରିବାରେ ଲାଗିଛନ୍ତି । ଯାହାଫଳରେ ଆଣିଥିବା ଋଣ ଠିକଣା ସମୟରେ ପରିଶୋଧ କରିନପାରି ମହିଳାମାନେ ନାନା ଭାବରେ ନିର୍ଯ୍ୟାତନାର ଶୀକାର ହେଉଛନ୍ତି । ଏମିତିକି ଋଣ ପରିଶୋଧ ଭୟରେ ସେମାନେ ଗାଁ ଛାଡି ଅନ୍ୟତ୍ର ପଳାୟନ କରୁଛନ୍ତି । ଗତ ପ୍ରାୟ ମାସକ ମଧ୍ୟରେ ତିହିଡି ଅଂଚଳର ମଙ୍ଗରାଜପୁର ଓ ବାରିକବିନ୍ଧା ଗାଁର ୩ଟି ପରିବାରଙ୍କ ଘରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉନଥିବାରୁ ଏହି ଘରୋଇ ଋଣ ଲଗାଣକାରୀ ସଂସ୍ଥା ଗୁଡିକ ଦିନକୁ ଦିନ ସ୍ୱେଚ୍ଛାଚାରୀ ହୋଇ ପଡୁଛନ୍ତି । ଏହି ଋଣ ଲଗାଣକାରୀ ସଂସ୍ଥା ଗୁଡିକ ଗାଁ ଗାଁରେ ମହିଳା ଗ୍ରୁପ୍ର ସଦସ୍ୟା ମାନଙ୍କୁ ଋଣ ଦେଉଥିବା ବେଳେ ସେମାନଙ୍କ ଠାରୁ କିସ୍ତିରେ ଉଭୟ ମୂଳ ଓ ସୁଧ ଟଙ୍କା କଡା ଗଣ୍ଡା କରି ଆଦାୟ କରୁଛନ୍ତି । ସଂସ୍ଥାର କର୍ମଚାରୀ ମାନେ ଗାଁ ଗାଁରେ ବୁଲି ମହିଳାମାନଙ୍କୁ ଗୋଷ୍ଠୀ ମାଧ୍ୟମରେ ସହଜରେ ଓ ଅଳ୍ପ କିଛି କାଗଜପତ୍ରରେ ଋଣ ଯୋଗାଇବାର ପ୍ରଲୋଭନ ଦେଖାଉଛନ୍ତି । ଏପରିକି ଗ୍ରୁପ୍ ଗଠନର ନିୟମକୁ ନମାନି ଜଣେ ଜଣେ ମହିଳାଙ୍କୁ ୫ ରୁ ୬ ଟି ଗ୍ରୁପ୍ର ସଦସ୍ୟା କରାଇ ଋଣ ପ୍ରଦାନ କରିବାକୁ କୁଣ୍ଠାବୋଧ କରୁନାହାଁନ୍ତି । ୬୦ ବର୍ଷ ପରେ ଜଣେ ମହିଳା ଗ୍ରୁପ୍ର ସଦସ୍ୟ ରହିପାରିବେ ନାହିଁ ଏବଂ ଜଣେ ମହିଳା ଗୋଟିଏ ଗ୍ରୁପ୍ର ସଦସ୍ୟା ଥିଲାବେଳେ ଅନ୍ୟ କୌଣସି ଗ୍ରୁପ୍ରେ ରହି ନପାରିବାର ନିୟମ ଥିଲେ ମଧ୍ୟ କେବଳ ଋଣ ଯୋଗାଇବା ଲକ୍ଷ୍ୟରେ ଏହି ସଂସ୍ଥା ଗୁଡିକ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ଋଣ ପ୍ରଦାନ କରିବାରେ ଲାଗିଛନ୍ତି । ଏମାନେ ଋଣ ନେଉଥିବା ମହିଳା ଗ୍ରୁପ୍ର ସଦସ୍ୟମାନଙ୍କ ଠାରୁ ମୋଟା ଅଙ୍କରେ ସୁଧ ଅସୁଲ କରୁଥିବାବେଳେ ଋଣ ପରିଶୋଧର ସାମର୍ଥ୍ୟ ଥିବା ବା ନଥିବା ଆଦି ବାଛବିଚାର ନକରି ସମସ୍ତଙ୍କୁ ଋଣ ପ୍ରଦାନ କରୁଛନ୍ତି । ଏପରିକି ଋଣ ପ୍ରଦାନ ପାଇଁ ସ୍ୱାମୀ ସ୍ତ୍ରୀଙ୍କ ଜଏଣ୍ଟ ଫଟୋ ସହିତ ଦସ୍ତଖତ ଦରକାର ଥିବାବେଳେ ସ୍ୱାମୀଙ୍କ ଦସ୍ତଖତ ଓ ଫଟୋକୁ ଜାଲ କରାଯାଇ ମହିଳାଙ୍କୁ ଋଣ ପ୍ରଦାନ କରାଯାଉଛି । ସେହିପରି ବିଧବା ମହିଳାଙ୍କ ସ୍ୱାମୀ ଥିବା ଦର୍ଶାଇ ଓ ଜାଲ ଦସ୍ତଖତ କରାଯାଇ ଋଣ ବି ପ୍ରଦାନ କରାଯାଉଛି । ମହିଳା ଗ୍ରୁପ୍ର ସଦସ୍ୟାମାନଙ୍କୁ ଋଣ ଦେଉଥିବା ଏହି ସଂସ୍ଥା ଗୁଡିକ ପ୍ରଦତ୍ତ ଋଣର ମୂଳ ଓ ସୁଧକୁ ମିଶାଇ ସାପ୍ତାହିକ, ପାକ୍ଷିକ ଓ ମାସିକ କିସ୍ତିରେ ଭାଗ କରି ଟଙ୍କା ଆଦାୟ କରୁଛନ୍ତି । କେବଳ ସେତିକି ନୁହେଁ ସଂସ୍ଥାର କର୍ମଚାରୀମାନେ ଗାଁ ଗାଁରେ ବୁଲି ଏହି ଋଣ ଟଙ୍କା ଅସୁଲ କରୁଥିବା ବେଳେ ଏଥିରେ ବ୍ୟତିକ୍ରମ ହେଲେ ମହିଳାଙ୍କ ପିଣ୍ଡା ବାରଣ୍ଡାରେ ବସିବାକୁ ମଧ୍ୟ ପଛାଉନାହାଁନ୍ତି । ଠିକ୍ ସମୟରେ କିସ୍ତି ଟଙ୍କା ଦେଇ ପାରୁନଥିବା ଅନେକ ମହିଳା ସମସ୍ତଙ୍କ ଆଗରେ ନିଜକୁ ଅପମାନିତ ବୋଧ କରୁଥିବାବେଳେ ଋଣ ଟଙ୍କାକୁ ନେଇ ସେମାନଙ୍କ ପରିବାରରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି । ସେହିପରି ଋଣ ଟଙ୍କା ପରିଶୋଧକୁ ନେଇ ସଂସ୍ଥାର କର୍ମଚାରୀଙ୍କ ସହ ମହିଳା ମଧ୍ୟରେ ଅନେକ ଗାଁରେ ଗଣ୍ଡଗୋଳ ଓ ମାରପିଟ ଆଦି ଘଟିବା ସହ ଥାନା ଯାଏ କଥା ଯାଉଥିବା ପରିଲକ୍ଷିତ ହୋଇଛି । ଏହି ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଗୁଡିକ ଉପରେ ଜିଲା ପ୍ରଶାସନର କୌଣସି ଲଗାମ ନ ରହିବା କାରଣରୁ ଏମାନେ ଯାବତୀୟ ବେଆଇନ୍ କାର୍ଯ୍ୟ କରିଚାଲିଛନ୍ତି । ଗାଁର ଅଶିକ୍ଷିତ ଓ ଅସଚେତନ ମହିଳାଙ୍କୁ ଋଣ ପ୍ରଦାନର ପ୍ରଲୋଭନ ଦେଖାଇ ସେମାନଙ୍କୁ ଶୋଷଣ କରିବା ସହ ସଂସ୍ଥା ଗୁଡିକ ମାଲେମାଲେ ହେଉଛନ୍ତି ।

## ୧୯ରେ ବୋର୍ଡ଼ ଅଫିସ୍ ଘେରିବେ ଶିକ୍ଷକ

ଭୁବନେଶ୍ୱର, ୧୧।୧୦(ପି.ଏନ): ଓଟିଇଟି ପ୍ରଶ୍ନର ଅର୍ଦ୍ଧାଧିକ ଭୁଲ୍ ପ୍ରଶ୍ନ ବା ଭାଷା ବିକୃତ ପ୍ରଶ୍ନ ହୋଇଥିବାରୁ ତାହାକୁ ତର୍ଜମା କରି ଯେଉଁ ପରିକ୍ଷାର୍ଥୀଙ୍କର ୪୦ ମାର୍କରୁ ଅଧିକ ନମ୍ବର ଅଛି ସେମାନଙ୍କୁ ଓଟିଇଟି ପାସ୍ ସାର୍ଟିଫିକେଟ ଦେବା ପାଇଁ ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ କ୍ୟାଡ଼ର) ମହାସଂଘ ଦାବି କରିଛି । ଆସନ୍ତା ୧୮ ତାରିଖ ସୁଦ୍ଧା ଦାବି ପୂରଣ ପାଇଁ ପଦକ୍ଷେପ ନିଆନଗଲେ ଆସନ୍ତା ୧୯ ତାରିଖ ଦିନ ଠାରୁ ଦାବୀ ପୂରଣ ପର୍ଯ୍ୟନ୍ତ ବୋର୍ଡ଼ କାର୍ଯ୍ୟାଳୟ ଘେରାଉ କରି ଧାରଣା ଦିଆଯିବ ବୋଲି ମହାସଂଘର ସଭାପତି ଶରତ ଚନ୍ଦ୍ର ନାଏକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ ଓଟିଇଟିର ପ୍ରଶ୍ନପତ୍ର ସିଲାବସ ବାହାରୁ ସିଟିଇଟି ପ୍ରଶ୍ନଗୁଡ଼ିକୁ ବାହାର ରାଜ୍ୟର ଅଣଓଡ଼ିଆ ମାନଙ୍କ ଦ୍ୱାରା ଓଡ଼ିଆ ଭାଷାକୁ ବିକୃତ କରି ବଙ୍ଗଳା, ତେଲୁଗୁ ଓ ବିଦେଶୀ ଭାଷାରେ ପରୀକ୍ଷା ଦେବା ପାଇଁ ଓଡ଼ିଆ ଭାଷା ଅପ୍ସନାଲ ବନାଇଥିବା ବେଳେ ମାଧ୍ୟମିକ ଶିକ୍ଷା ପରିଷଦ ତାକୁ ଅଣଦେଖା କରି ବୁଝି ହେଉନଥିବା ବିଭିନ୍ନ ଭାଷାର ମିଶ୍ରଣରେ ପ୍ରଶ୍ନଗୁଡ଼ିକ ପ୍ରସ୍ତୁତ କରିଛନ୍ତି । ଯାହାଫଳରେ ପରୀକ୍ଷାର୍ଥୀମାନେ ପ୍ରଶ୍ନ ବୁଝି ଉତର ଦେବା ସମ୍ଭବ ହୋଇନଥିଲା । ଏତଦ୍ଭିନ୍ନ ଯେଉଁ କେତୋଟି ପ୍ରଶ୍ନ ବୁଝି ହେଉଥିଲା ସେଗୁଡ଼ିକର ପରୀକ୍ଷାର୍ଥୀ ଠିକ୍ ଉତର ଲେଖିଥିଲେ ମଧ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଅନ୍ଲାଇନ୍ରେ ପ୍ରକାଶ କରିଥିବା ପ୍ରଶ୍ନ ଓ ଉତରରେ ଅନେକ ତ୍ରୁଟି ପ୍ରକାଶ ପାଇଛି ଯଥା : ଓଡ଼ିଶାର ରାଜ୍ୟପାଳ ନବୀନ ପଟ୍ଟନାୟକ, ଚାନ୍ଦିପୁର ଭଦ୍ରକ ଜିଲ୍ଲାରେ ଓ କେଦାରଗୌରୀ କାବ୍ୟର ରଚୟିତା ଫକୀର ମୋହନ ସେନାପତି ଇତ୍ୟାଦି । ପରୀକ୍ଷା ପରେ ପରେ ମହାସଂଘ ତରଫରୁ ଏକ ପ୍ରତିନିଧି ଦଳ ଏ ପ୍ରକାର ତ୍ରୁଟିକୁ ବିରୋଧ କରି ଗଣଶିକ୍ଷା ମନ୍ତ୍ରୀ ଓ ସଭାପତି ମାଧ୍ୟମିକ ଶିକ୍ଷା ପରିଷଦ ସହ ଆଲୋଚନା କରି ଗ୍ରେସ୍ ମାର୍କ ଦେବା ପାଇଁ ଦାବୀ କରିଥିଲେ ମଧ୍ୟ ସୁଫଳ ମିଳିନି । ତେଣୁ ୧୮ ତାରିଖ ସୁଦ୍ଧା ଏହାର ସମାଧାନ କରିବାକୁ ସେ ଦାବି କରିଛନ୍ତି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହି ଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ





ଭୁବନେଶ୍ୱର:ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ରେଳ ଅଡିଟୋରିୟମ୍ ଠାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଆର୍.ଆର୍.ଟି.ସି ତରଫରୁ ୱାକାଥନ୍ (ବିଶାଳ ର୍‍ୟାଲି),ସ୍ୱାସ୍ଥ୍ୟ ଶିବିର,ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା । ଅନ୍ୟୁନ ୧୨୦୦ ଲୋକ ଯଥା ବୟୋଜ୍ୟେଷ୍ଠ ବ୍ୟକ୍ତି, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ବାଳିକା ବିଭାଗ), ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅଂେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀଗଣଙ୍କୁ ନେଇ ପ୍ରେସ୍ ଛକଠାରୁ ଏକ ୱାକାଥନ୍ ର୍‍ୟାଲିର ଶୁଭାରମ୍ଭ କରାଯାଇଥିଲା । ଏହି ଗଣଦୌଡ (ର୍‍ୟାଲିକୁ) ରାଷ୍ଟ୍ରୀୟ ସାମାଜିକ ପ୍ରତିରକ୍ଷା ସଂସ୍ଥାନର ଡେପୁଟି ଡାଇରେକ୍ଟର ଡକ୍ଟର ଏଚ୍.ସି ଶ୍ରୀଧରା ଚନ୍ନାକେଶବା ରଙ୍ଗା ରେଡ୍ଡି ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ଡେପୁଟି ସେକ୍ରେଟାରୀ ଶ୍ରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ ସକାଳ ୮ଟାରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ର୍‍ୟାଲିରେ ବରିଷ୍ଠ ନାଗରିକ ଓ ଅନ୍ୟାନ୍ୟ ଅଂଶଗ୍ରହଣକାରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ଏହି ଦିବସ ପାଳନର ତାତ୍ପର୍ଯ୍ୟ ଜଣାଇ ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସକାଳ ୯ଟାରେ ରେଳ ଅଡିଟୋରିୟମ୍ ଠାରେ ପହଁଚିଥିଲା । ଏହାପରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷାର ଆୟୋଜନ କରାଯିବା ସହ ମାଗଣାରେ ଔଷଧ ବଂଟନ କରାଯାଇଥିଲା । ଆୟୋଜିତ ହୋଇଥିବା ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଯୋଗ ଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିବା ସହ ପ୍ରତ୍ୟେକ ସଂାନ ସଂେ ତାଙ୍କର ପିତାମାତାଙ୍କ ଇଚ୍ଛା ଓ ତାଙ୍କର ଯତ୍ନ ନେବା ପାଇଁ ଆହ୍ୱାନ କରିଥିଲେ। ଏତଦ୍ ବ୍ୟତୀତ ଶ୍ରୀଯୁକ୍ତ ପାତ୍ର ବୟସ୍କ ଲୋକମାନେ ଚଳଚଂଚଳ ରହିବା ଉପରେ ଗୁରୁତ୍ୱାରୋପ ମଧ୍ୟ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ ଏବେ ବୈଦିକ କାର୍ଯ୍ୟକ୍ରମରେ ଅଭ୍ୟାସ ରଖିପାରିଛଂି । ଉପସ୍ଥିତ ଥିବା ବୟସ୍କ ନାଗରିକମାନଙ୍କୁ ଡ଼ାକ୍ତର ପରାମର୍ଶ କରି କର୍ମଜୀବି ହୋଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ଦେଇ କହିଲେ ଯେ, ଭାରତ ସରକାର ତରଫରୁ ବୟସ୍କ ଲୋକଙ୍କ ପାଇଁ ଏକ ନୀତି ଖୁବ୍ ଶୀଘ୍ର ପ୍ରଣୟନ କରାଯିବ । ଏନ୍‌ଆଇଏସ୍‌ଡ଼ିର ଉପ ନିର୍ଦ୍ଦେଶକ ଡଃ ଏସ୍.ସି. ଶ୍ରୀଧରା ଚନ୍ନାକେଶବା ରଙ୍ଗା ରେଡ୍ଡି ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକମାନଙ୍କ ପାଇଁ ପ୍ରଣୟନ ହୋଇଥିବା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ସଚିବ ଶ୍ରୀଯୁକ୍ତ ଭାସ୍କର ଶର୍ମା, ଆଇ.ଏ.ଏସ୍, ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଆରସିଡବ୍ଲୁର ସମ୍ପାଦକ ଶ୍ରୀଯୁକ୍ତ ସୁକାଂ କୁମାର ପରିଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ନାଗେଶ୍ୱର ପଟ୍ଟନାୟକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଆର୍ ଆର୍ ଟି ସି ତରଫରୁ ଆଇ.ଇ.ସି ମ୍ୟାଟେରିଆଲ୍ ବଂଟନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅଂଶଗ୍ରହଣକାରୀମାନଙ୍କୁ ସାର୍ଟିଫିକେଟ୍ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଲେଫଟ୍ ନାଂଟ୍ କର୍ଣ୍ଣେଲ୍ ଆଲୋକ ପଲେଇ, ଏନ.ସି ସି ଡାଇରେକ୍ଟୋରେଟ୍ ଓଡିଶା, ଶ୍ରୀଯୁକ୍ତ ଦିଲ୍ଲୀପ କୁମାର ରାଉତରାୟ, ଉପ ସଚିବ, ଓଡିଶା ସରକାର, ଭାରତୀ ଚକ୍ର, ଓଡିଶା ରାଜ୍ୟ ମୁଖ୍ୟ , ହେଲପ୍ ଏଜ୍ ଇଣ୍ଡିଆ, ଝରଣା ସ୍ୱାଇଁ, ଲିତା ପ୍ରହରାଜ ପ୍ରମୁଖ ଯୋଗ ଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ବାସଂୀ ବେହେରା, ଆକାଶ ପରିଡା, ପ୍ରଭାତୀ ମାଝି, ସତୀଶ କୁମାର ସେନାପତି, ଦୁଷ୍ମଂ ମେହେର, ଯଜ୍ଞଜ୍ୟୋତି ବେହେରା, ପ୍ରେରଣା ଦାସ, ରୁଚି ଏମ୍ ସିଂ, ଗୀତା ପ୍ରହରାଜ, ଭରତ କୁମାର ଜିସି ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ଯୁଗ୍ମ ସମ୍ପାଦିକା ଶ୍ରୀମତୀ ଶର୍ମିଳୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ। ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଆଜିର ଭାଗ୍ୟ


ମେଷ

ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପାରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ

ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପାରନ୍ତି।


ମିଥୁନ

ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।


କର୍କଟ

ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ

ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା

ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା

ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା

ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ

ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର

କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ

ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ

ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ବାଲେଶ୍ୱରରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

## ବେପରୁଆ ଗାଡି ଚାଳନା ଉପରେ କଟକଣା ନାହିଁ

ବାଲେଶ୍ୱର,(ପିଏନ): ଏବେ ସହର ମଧ୍ୟକୁ ଭାରୀ ଯାନ ଚଳାଚଳ ନିମନ୍ତେ କଟକଣା ଥିଲେ ମଧ୍ୟ ଦୁଇ ଚକିଆ, ତିନି ଚକିଆ ଓ ଚାରି ଚକିଆ ଯାନର ବେପରୁଆ ଚାଳନା ଯୋଗୁଁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି । ବିଶେଷ କରି ବାଲେଶ୍ୱର ସହରର ପ୍ରବେଶ ପଥ ଆଇଟିଆଇ ଛକ ଏପରିକି ଆରଟିଓ ଅଫିସ୍ ଆଗରେ ଟ୍ରାଫିକ୍ ନିୟମ କଡାକଡି ଉଲଘଂନ ହେଉଛି । ଏହା ଏକ ଚାରି ଛକିଆ ରାସ୍ତା ହୋଇଥିବାରୁ ଏଠାରେ ଟ୍ରାଫିକ୍ ଷ୍ଟାଣ୍ଡର ବ୍ୟବସ୍ଥା ରହିଛି ସତ କିନ୍ତୁ ଅଧିକାଂଶ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ କରିବାକୁ କୌଣସି କର୍ମଚାରୀ ନଥିବାରୁ ଦୁର୍ଘଟଣାମାନ ବୃଦ୍ଧି ପାଉଛି । ତା' ଛଡା ରୋଡ ରୋମିଓଙ୍କ ବିନା ହେଲମେଟ୍‌ରେ ଦ୍ରୁତ ଗତିରେ ଗାଡି ଚାଳନା ମଧ୍ୟ ଦୁର୍ଘଟଣାର କାରଣ ପାଲଟୁଛି । ଏବେ ଓଟି ରୋଡର ଯେଉଁ ସବୁ ସ୍ଥାନରେ ରାସ୍ତା ପାରି ହେବା ପାଇଁ ବ୍ୟବସ୍ଥା ଥିଲା ତାହା ଏବେ ସଙ୍କୁଚିତ କରିଦିଆଯିବା ଫଳରେ ଠିକ୍ ଭାବେ ଟ୍ରାଫିକ୍ ନୟମକୁ କେହି ମାନୁ ନାହାନ୍ତି । ବାମ ପଟେ ଗାଡି ଚଳାଚଳ କରିବା ପରିବର୍ତ୍ତେ ବିପରିତ ଦିଗ ଅର୍ଥାତ୍ ଦକ୍ଷିଣ ପାର୍ଶ୍ୱରେ ଗାଡି ଚଳାଚଳ ହେଉଛି । ବିଶେଷ କରି ଓଟି ରୋଡର ଜିଲ୍ଲା ଶିକ୍ଷ କେନ୍ଦ୍ର ଓ ସତ୍ୟସାଇ ସ୍କୁଲ ଆଗରେ ଥିବା ମାର୍କେଟ କମ୍ପଲେକ୍ସରେ ୫/୭ ଟି ହୋଟେଲ ଓ ଜଳଖିଆ ଦୋକାନ, ପୁରୁଣା ସଦର ଥାନା ଛକର ଦୁଇ ପାର୍ଶ୍ୱରେ ଅଫିସ୍ ଓ ବ୍ୟବସାୟ ପ୍ରତିଷ୍ଠାନ ଏବଂ ଷ୍ଟେସନ ଛକ ଟ୍ରାଫିକ୍‌ର ଦୁଇ ପାର୍ଶ୍ୱରେ ବ୍ୟବସାୟ ପ୍ରତିଷ୍ଠାନ ଓ ଅଫିସ୍ ଥିବା ଯୋଗୁଁ ଏଠାରୁ ଆରମ୍ଭ କରି ଫକୀର ମୋହନ ଗୋଲେଇ ଓ ଫାଣ୍ଡି ଛକ ଯାଏଁ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ମୋଟର ଛିଡା ହେବା ଫଳରେ ଯାତାୟତରେ ବାଧା ସୃଷ୍ଟି ହେଉଛି । ପୁରୁଣା ସଦର ଥାନା ଛକରେ ଥିବା ଏକ ନିର୍ଦ୍ଦିଷ୍ଟ ପେଟ୍ରୋଲ ପମ୍ପ ଆଗରେ ୫/୭ ଟି ବସ ଅନାୟସରେ ପାର୍କିଂ କରିବା ଫଳରେ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି । କିଛି ଦିନ ପୂର୍ବେ ଏହି ପେଟ୍ରୋଲ ପମ୍ପ ଆଗରେ ଦୁର୍ଘଟଣାଗ୍ରସ୍ତ ହୋଇ ଦୁଇ ଜଣଙ୍କ ପ୍ରାଣହାନୀ ଘଟିଥିଲା । ନିକଟରେ ଟ୍ରାଫିକ୍ ଥାନା ଥିଲାବେଳେ ଏଥିପ୍ରତି କାହାରି ଚିନ୍ତା ନାହିଁ । ସେହିପରି ଫାଣ୍ଡି ବଜାର କୁହାଯାଉଥିବା ସହଦେବଖୁଣ୍ଟା ମଡେଲ ଥାନା ଆଗରେ ଟ୍ରାଫିକ୍ ନିୟମର ଖୋଲା ଉଲଙ୍ଘନ ଚାଲିଛି । କିଛି ବ୍ୟବସାୟୀ ବିଚ୍ ରାସ୍ତା ଧାରରେ ଦୀର୍ଘ ଦିନ ଧରି ବେପାର ବଣିଜ କରୁଥିବାର ଲକ୍ଷ୍ୟ କରାଯାଉଛି । କୁହାଯାଏ ଯେ ଏହି ନିର୍ଦ୍ଦିଷ୍ଟ ବ୍ୟବସାୟ ଗୋଷ୍ଠୀଙ୍କ ଠାରୁ ଟ୍ରାଫିକ୍ କର୍ମଚାରୀ ଓ ସ୍ଥାନୀୟ ଗୁଣ୍ଡା ଶ୍ରେଣୀର ଲୋକେ ନିୟମିତ ବଟି ନେଇ ଏସବୁକୁ ପ୍ରୋତ୍ସାହନ ଦେଉଛନ୍ତି । ସର୍ବୋପରି କହିବାକୁ ଗଲେ ତାମୁଳିଆ ଓଭରବ୍ରିଜ ପରଠାରୁ ଫକୀର ମୋହନ ଗୋଲେଇ, ନୂଆ ବଜାର ଓ ଅରଡ ବଜାରର ଦୁଇ ଧାରରେ ବେଆଇନ ଜବର ଦଖଲ ଚାଲୁ ରହିଛି । ସେହିପରି ସହଦେବଖୁଣ୍ଟା ବସଷ୍ଟାଣ୍ଡ ସମ୍ମୁଖ ରାସ୍ତା, ଫ୍ଲାଏ ଓଭରବ୍ରିଜଠାରୁ ଆରମ୍ଭ କରି ରେମୁଣା ଗୋଲେଇ ପର୍ଯ୍ୟନ୍ତ ଥିବା ସରକାରୀ ଜମି ଓ ନଇଁଯୋଡି ଜବରଦଖଲକାରୀଙ୍କ କବଳରେ ରହିଛି । କିଛି ଦିନ ପୂର୍ବେ ଉତ୍କଳ ବାଳାଶ୍ରମ ଆଗରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଥିଲା କିନ୍ତୁ ଏବେ ଏହା ପୁଣି ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି । ନୟନଯୋଡି ଅବରୋଧ ହେବା ଫଳରେ ରାସ୍ତା ଉପରେ ବର୍ଷା ପାଣିର ଜୁଆର ଭାଙ୍ଗୁଛି । ଫଳରେ ଅଳ୍ପ ଦିନ ତଳେ ନିର୍ମାଣ ହୋଇଥିବା ଉନ୍ନତମାନର ରାସ୍ତା ଏକ ଖାଲଖମାରେ ସୃଷ୍ଟି ହୋଇ ଦୁର୍ଘଟଣା ବୃଦ୍ଧି ପାଉଛି । ରାସ୍ତାର ଦୁଇ ଧାରରେ ଜବର ଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆନଯିବା ଫଳରେ ଖୋଦ୍ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ମଧ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି । ବାଲଶ୍ୱର ସହରକୁ ସର୍ବାଙ୍ଗ ସୁନ୍ଦର ଓ ଅବରୋଧ ମୁକ୍ତ କରିବା ସହ ରାସ୍ତା ପ୍ରଶସ୍ତୀକରଣ ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଧ୍ୟାନ ଦେବାକୁ ସାଧାରଣରେ ଦାବି ଦେଉଛି । ନେହେଲେ ଏହା ଏକ ପ୍ରଦ୍ୟୁଷଣଯୁକ୍ତ ସହରରେ ପରିଣତ ନହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏଣୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ମତ ପ୍ରକାଶ ପାଇଛି ।

# ମା' କୋଳକୁ ଫେରିଲା ହଜିଲା ପୁଅ

ବାଲେଶ୍ୱର,(ପିଏନ): ମା' କୋଳକୁ ଫେରିଲା ହଜିଲା ପୁଅ । ଦୀର୍ଘ ୮ ଦିନ ମା' କୋଳ ଛାଡି ୪ ମାସର ପୁଅ ଶିଶୁଯତ୍ନ ଅନୁଷ୍ଠାନରେ ରହିବା ପରେ ଆଜି ମା' କୋଳକୁ ଫେରିଛି । ଗତ ୪ ତାରିଖ ଦିନ ଚନ୍ଦନେଶ୍ୱର ଅଞ୍ଚଳର ସୀତା ମାରାଣ୍ଡି ବାଲେଶ୍ୱର ଷ୍ଟେସନର ୧ନଂ ପ୍ଲାଟ ଫର୍ମରେ ନିଜର ୪ଟି ପିଲାଙ୍କୁ ନେଇ ଶୋଇଥିବା ବେଳେ ତାଙ୍କ ପାଖରୁ ୪ ମାସର ପୁଅକୁ କେହି ଚୋରି କରି ନେଇଯାଇଥିଲା । ସୀତା ଜିଆରପି ପାଖରେ ଅଭିଯୋଗ କରିବା ପରେ ଜିଆରପି ତଦନ୍ତ କରି ଶୋଭାରାମପୁର ଅଞ୍ଚଳର ପାଣ୍ଡିଆ କିସ୍କୁଙ୍କୁ ଗିରଫ କରିଥିଲା । ପାଣ୍ଡିଆ କିସ୍କୁଙ୍କ କହିବା ଅନୁଯାୟୀ ବାଲିଆ ଅଞ୍ଚଳର ଯୋଗୀ ପାତ୍ର ଓ ତାଙ୍କ ସ୍ତ୍ରୀ ମହାଲକ୍ଷ୍ମୀ ପାତ୍ରଙ୍କୁ ଥାନାରେ ଆଣି ପୁଲିସ ପଚରାଉଚୁରା କରିଥିଲା । ସେମାନେ ପିଲାକୁ ନେଇ ବାହାରେ ବିକ୍ରି କରିଥିବା ସ୍ୱୀକାର କରିଥିବା ସହ ପିଲାକୁ ଆଣି ପୁଲିସକୁ ହସ୍ତାନ୍ତର କରିଥିଲେ । ପୁଲିସ ଏହି ମାମଲାରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଶିଶୁ ମଙ୍ଗଳ କମିଟିରେ ହାଜର ହେବା ପରେ ଏକ ଶିଶୁଯତ୍ନ ଅନୁଷ୍ଠାନରେ ପୁଲିସ ଶିଶୁଟିକୁ ଛାଡି ଦେଇଥିଲା । ଶିଶୁଟି ସୀତାଙ୍କର ବୋଲି ଉପଯୁକ୍ତ ପ୍ରମାଣ ନମିଳିବା ଯାଏ ତାକୁ ହସ୍ତାନ୍ତର କରାଯାଇ ପାରିବ ନାହିଁ ବୋଲି କୁହାଯାଇଥିଲା । ଶିଶୁକୁ ପାଇବା ପାଇଁ ବ୍ୟାକୁଳ ହେଉଥିବା ମା'ର ମାତୃତ୍ୱ ନିୟମ ଆଗରେ ବନ୍ଧା ପଡିଯାଇଥିଲା । ଆଜି ଶିଶୁ ମଙ୍ଗଳ କମିଟି ଡିସିପିଓଙ୍କ ତଦନ୍ତ ପରେ ମା' କୋଳକୁ ଶିଶୁଟିକୁ ଦେଇଥିବା ଜଣାପଡିଛି । ଅନ୍ୟପକ୍ଷରେ ନିଜର ଶିଶୁ ପୁତ୍ରକୁ ଫେରି ପାଇ ସୀତା ଖୁସିରେ କାନ୍ଦି ପକାଇଥିବା ଦେଖିବାକୁ ମିଳିଥିଲା । ନିଜ ପିଲା ଫେରି ପାଇବାରେ ବିଜେପି ଯୁବ ମୋର୍ଚ୍ଚାର ସନ୍ତୋଷ ନାୟକ ସାହାଯ୍ୟ କରିଥିବା ସେ କହିଛନ୍ତି ।

# ବେପରୁଆ ଭାବେ ଚାଲିଛି ବାଲେଶ୍ୱରରେ ବିଦ୍ୟୁତ୍ ସେବା

ବାଲେଶ୍ୱର,(ପିଏନ): ବିନା ସୂଚନାରେ ଏବେ ଦୀର୍ଘ ସମୟ ଧରି ବିଦ୍ୟୁତ୍ କାଟ୍ ଚାଲିଛି । ପୂର୍ବରୁ ନେସ୍କୋ ପକ୍ଷରୁ ମୋବାଇଲ ମାଧ୍ୟମରେ ସୂଚନା ଦିଆଯାଉଥିଲା । ଏବେ କିଛି ସୂଚନା ଦିଆନଯାଇ ସକାଳ ୯ଟାରୁ ଦିନ ୪ଟା ଯାଏଁ ବିଦ୍ୟୁତ୍ କାଟ୍ ହେଉଛି । ଫଳରେ ଜଳ ଯୋଗାଣ ବାଧା ପ୍ରାପ୍ତ ହେବା ସାଙ୍ଗକୁ ବିଦ୍ୟୁତ୍ ସେବା ଉପରେ ଭରସା କରି ବ୍ୟବସାୟ କରୁଥିବା ଲୋକଙ୍କଠାରୁ ଆରମ୍ଭ କରି ସାଧାରଣ ଗ୍ରାହକ ମଧ୍ୟ ଏଥିରେ ଶୀକାର ହେଉଛନ୍ତି । ଏପରିକି ଡାକ୍ତରଖାନାକୁ ମଧ ଠିକ୍ ଭାବେ ବିଦ୍ୟୁତ୍ ଯୋଗାଣ ହେଉନଥିବାରୁ ରୋଗୀ ଅସ୍ତ୍ରପ୍ରଚାର ଓ ଅନ୍ୟାନ୍ୟ ସେବା ବାଧାପ୍ରାପ୍ତ ହେଉଛି । ଯଦିଓ ଡାକ୍ତରଖାନାରେ ଜେନେରେଟର ବ୍ୟବସ୍ଥା ରହିଛି କିନ୍ତୁ ତେଲ ନଥିବା ଯୋଗୁଁ ଏହା ଠିକ୍ ଭାବେ ସେବା ଦେଇପାରୁନାହିଁ । ଏହି ସୁଯୋଗ ନେଇ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଶବ୍ଦ ପ୍ରଦ୍ୟୁଷଣକାରୀ ଜେନେରେଟର ଚଳାଇବା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେଉଛି । ଏପରିକି ସ୍କୁଲ ସମ୍ମୁଖରେ ଥିବା ବ୍ୟବସାୟ ପ୍ରତିଷ୍ଠାନରେ ଦୀର୍ଘ ସମୟ ଧରି ଜେନେରେଟର ଚାଲିବା ଫଳରେ ଉଚ୍ଚ ଶବ୍ଦ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ପ୍ରଦ୍ୟୁଷଣ ସୃଷ୍ଟିକାରୀ ଜେନେରେଟର ଗୁଡିକ ଚଳାଇବା ଦିଗରେ କଟକଣା ଥିଲେ ମଧ୍ୟ ଏଠାରେ ଏହା କାର୍ଯ୍ୟକାରୀ ହେଉନାହିଁ । ମୋଟ୍ ଉପରେ କହିବାକୁ ଗଲେ ବେପରୁଆ ଭାବେ ବାଲେଶ୍ୱରରେ ନେସ୍କୋର ବିଦ୍ୟୁତ୍ ସେବା ଏକ ଶୋଷଣ ପାଲଟିଛି । ଯେଉଁ ସମୟରେ ଷ୍ଟ୍ରିଟ୍ ଲାଇଟର ଆବଶ୍ୟକତା ନାହିଁ ଏପରିକି ଅଧିକାଂଶ ସମୟରେ ଦିନ ବେଳେ ଉଚ୍ଚ ଶକ୍ତି ସମ୍ପନ୍ନ ଷ୍ଟ୍ରିଟ୍ ଲାଇଟ୍ ଜଳୁଛି କିନ୍ତୁ ସନ୍ଧ୍ୟାରେ ଅନ୍ଧାର । ଏସବୁକୁ ଦେଖିବା ପାଇଁ କାହାର ନଜର ନାହିଁ । ଜିଲ୍ଲାପାଳ ଓ ଅନ୍ୟାନ୍ୟ ଉଚ୍ଚ ଅଧିକାରୀ ତଥା ରାଜନେତାମାନେ ବିଦ୍ୟୁତ୍ ସେବା ନଥିଲେ ମଧ ଇନ୍‌ଭର୍ଟରରେ ବିଦ୍ୟୁତ୍ ସେବା ପାଉଥିଲା ବେଳେ ସାଧାରଣ ଜନତା ଏଥିରୁ ବଞ୍ଚିତ ହେଉଛନ୍ତି । ଦଶହରା ପୂର୍ବରୁ ୮ ଥର ଏପରି ବିଦ୍ୟୁତ୍ କାଟ୍ ହୋଇଥିଲା ବେଳେ ୧୧ ତାରିଖ ସକାଳ ୯ଟା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ନଥିବା ଯୋଗୁଁ ପାନୀୟ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି । ଫଳରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ ଜଳ ଯୋଗାଣ ଉପରେ ଭରସା କରି ଚଳୁଥିବା ଲୋକେ ପାଣି ବୁନ୍ଦେ ନପାଇ ହତାସ ହୋଇପଡିଛନ୍ତି । ଏଭଳି ବେପରୁଆ ପରିସ୍ଥିତି ଲଗାତାର ଭାବେ ଚାଲିଥିଲେ ମଧ ପ୍ରତିବାଦ କରିବାକୁ କେହି ନାହଁ । ତେଣୁ ବିଦ୍ୟୁତ୍ କର୍ମଚାରୀଙ୍କ ମନମୁଖୀ କାରବାର ଜନସାଧାରଣଙ୍କୁ ଅତିଷ୍ଠ କଲାଣି । ଏହାର ଆଶୁ ସମାଧାନ ନହେଲେ ବରିଷ୍ଠ ନାଗରିକ ମଞ୍ଚଓ ବିଦ୍ୟୁତ୍ ଉପଭୋକ୍ତା ସଂଘ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି ।

# ଇସ୍ରୋ ଦ୍ୱାରା ସ୍ପେସ୍ ଅନ୍ ଭେଇକିଲ କାର୍ଯ୍ୟକ୍ରମ



ଫୁଲବାଣୀ,(ପିଏନ): ଫୁଲବାଣୀରେ ସ୍ପେସ୍ ଅନ ଭେଇକିଲ କାର୍ଯ୍ୟକ୍ରମ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଠାରେ ଥିବା ଭାରତୀୟ ମହାକାଶ ଗବେଷଣାକେନ୍ଦ୍ର (ଇସ୍ରୋ) ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ମହାକାଶ ବିଜ୍ଞାନ ଦିଗରେ ଛାତ୍ରଛାତ୍ରୀ ମାନଙ୍କୁ ଆକର୍ଷିତ କରିବାପାଇଁ ଏବଂ ମହାକାଶ ବିଜ୍ଞାନ ଦ୍ୱରା ମାନବ ସମାଜର ଉପକାର ବିଷୟରେ ବୁଝାଇବାପଇଁ ଏକ ମହାକାଶ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଦେଶର ମହାନ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ କରାଯାଇଛି । ଏହି କାର୍ଯ୍ୟକ୍ରମ କନ୍ଧମାଳ ଜିଲା ସଦରମହକୁମା ଫୁଲବାଣୀଠାରେ ଇସ୍ରୋର ବୈଜ୍ଞାନିକ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଫୁଲବାଣୀର ବିଜ୍ଞାନ କର୍ମୀ ତଥା ଆଇନଜୀବି ବିଜୟକୃଷ୍ଣ ପଟ୍ଟନାୟକ ଉଦଘାଟନ କରିଥିଲେ । ସ୍ଥାନୀୟ କରୋନେସନ ପଡିଆଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କହଁର,ଜିଲା ବିଜ୍ଞାନ ନିରୀକ୍ଷକ ଅଶୋକ କୁମାର ପାତ୍ର ଓ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ସମେତ ସନ୍‌ତୋଷ କୁମାର ରଥ ଏବଂ ମହମ୍ମଦ ଜାକିର ଉଲ୍ଲା ଖାଁ ମଧ୍ୟ ଉପସ୍ଥିତ ଥିଲେ । ଅକ୍ଟୋବର ୮ତାରିଖ ଏବଂ ୯ତାରିଖରେ ହୋଇଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଫୁଲବାଣୀ ଏବଂ ଆଖାପାଖର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀ ମାନେ ଇସ୍ରୋ ଦ୍ୱାରା ଆୟୋଜନ କରାଯାଇଥିବା ଏକ ବସ ଭିତରେ ଏହି ପ୍ରଦର୍ଶନୀରେ ମହାକାଶ ବିଜ୍ଞାନ ଏବଂ ମହାକାଶ ଯାନ ପ୍ରସ୍ତୁତି ତଥା ପ୍ରକ୍ଷେପଣର ପ୍ରକ୍ରିୟା ଓ ମହାକାଶ ବିଜ୍ଞାନ ଦ୍ୱାରା କିଭଳି ମନୁଷ୍ୟ ସମାଜକୁ କିପ୍ରକାରର ଲାଭ ମିଳୁଛି ଏବଂ ଚନ୍ଦ୍ରଯାନ ୨ର କାର୍ଯ୍ୟଧାରା ମଙ୍ଗଳଯାନର ଉପୋଯୋଗୀତା ଭଳି ଅନେକ ମହାକାଶ ବିଜ୍ଞାନ ବିଷୟରେ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ବୈଜ୍ଞାନିକ ଅଭିମନ୍ୟୁ ମଲ୍ଲିକ ବୁଝାଇଥିଲେ ।

# ବଡବିଲ ରେ ମା ଦୁର୍ଗାଙ୍କ ପୀଠ ପୂଜା ଅନୁଷ୍ଠିତ

ଯୋଡା,୧୧/୧୦(ପିଏନ୍): ବଡବିଲ ପୌରାଚଂଳର ୧୫ନଂୱାର୍ଡରେ (ସାଧୁ ସିଂ ହଟିଂ)ରେ ୯ଦିନ ଧରି ମା ଦୁର୍ଗାଙ୍କ ପୀଠପୂଜା ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ଖୁବ ଯାକଜକମରେ ଅନୁଷ୍ଠିତ ହୋଇଯାଇଛି । ଏହିପୂଜା ମାଦୂର୍ଗା ଙ୍କର ରିତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏହି ପୂଜାବିଧି ଗତ୨୯ ତାରିଖରେ ଆରମ୍ଭ କରାଯାଇ ଚଳିତ ମାସ ୭ତାରିଖରେ ଶେଷ କରାଯାଇଛି । ଶେଷ ଦିନରେ ଛାତ୍ରୀ ମାନଙ୍କ ଦ୍ୱାରା ଦାଣ୍ଡିଆ ନାଚ କରାଯାଇଥିଲା । ଏହି ପୂଜାରେ ଜଗା ପାତ୍ର ଓ ନନ୍ଦିନୀ ପାତ୍ର ସଂଙ୍କଳ୍ପ ଭାବେ ଥିଲେ । ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା । ଦାଣ୍ଡିଆ ନାଚ ଦେଖିବାକୁ ଆଖପାଖ ଅଂଚଳରୁ ବହୁ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମିଥିଲା ।



# ମେଡିକାଲ କଲେଜ ପ୍ରତିଷ୍ଠା କନ୍ଧମାଳର ନ୍ୟାଯ୍ୟ ଦାବୀ



ଫୁଲବାଣୀ,(ପିଏନ):ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ଦାବି କନ୍ଧମାଲ ଜିଲ୍ଲାର ନ୍ୟାର୍ଯ୍ୟ ଦାବି ବୋଲି ମିଳିତ ନାଗରିକ କମିଟ କହିଛି । ଆଜି କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ପ୍ରେସକ୍ଲବ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି କମିଟିର ସଭାପତି ଡ. ଅରୁପ ଜେନା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠାର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟର ସବୁଠାରୁ ପଛୁଆ ଜିଲ୍ଲା ହେଉଛି କନ୍ଧମାଳ ଏବଂ ଏହା ହେଉଛି ଏକ ଆଦିବାସୀ ବହୁଳ ଅନୁସାଚିତ ଅଂଚଳ । ଜିଲ୍ଲାରେ ଆବଶ୍ୟକୀୟ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ନଥିବାରୁ ଜିଲ୍ଲାବାସୀ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହୋଇ ଆସୁଛନ୍ତି । ଜିଲ୍ଲାରେ ମୁଖ୍ୟ ଡାକ୍ତରଖାନା ସମେତ ୩୬ଟି ପ୍ରଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୧୪ଟି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଥିବା ବେଳେ ଅଧିକାଂଶ କ୍ୟ କେନ୍ଦ୍ରରେ ଡାକ୍ତର ନାହନ୍ତି । ଜିଲ୍ଲାରେ ମୋଟ ୨୧୫ ମଞ୍ଜୁର ଡାକ୍ତର ପଦବୀ ଥିବା ବେଳେ ଅଧାର ଅଧିକ ପ୍ରାୟ ୧୫ ବର୍ଷ ଧରି ଖାଲି ପଡିଛି । ସାମନ୍ୟ ଜୋର କାଶ ପାଇଁ ମଧ୍ୟ ଜିଲ୍ଲା ବାସୀଙ୍କୁ ୨୫୦ କିମି ଦୁର କଟକ କିମ୍ବା ୨୦୦ କିମି ଦୁର ବ୍ରହ୍ମପୁର ବଡ ଡାକ୍ତରଖାନାକୁ ଯିବାକୁ ପଡୁଛି । ଏପରିକି ସମାନ୍ୟ ୧୫୦ ଟଙ୍କାର ଆଲ୍ଟ୍ରାସାଉଣ୍ଡ ପାଇଁ ରୋଗୀଙ୍କୁ ୩ ହଜାରରୁ ୪ ହଜାର ଟଙ୍କା ବାହାରେ ଖର୍ଚ୍ଚ କରିବାକୁ ପଡୁଛି । ୨୦୧୮-୧୯ରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୬୫ ହଜାର ୪୪ ଜଣ ରୋଗୀ ଭର୍ତ୍ତି ହୋଇଥିବା ବେଳେ ସେଥି ମଧ୍ୟରୁ ୨୬୯୩ ଜଣଙ୍କୁ କଟକ, ବ୍ରହ୍ମପୁର ରେଫର କରାଯାଇଛି । ଜିଲ୍ଲା ଡାକ୍ତରଖାନାରେ ଆଇସିୟୁଟିଏ ମଧ୍ୟ ନାହିଁ । ଜିଲ୍ଲା ମ୍ୟାଲେରିଆ ପ୍ରବଣ ଅଂଚଳ ହୋଇଥିବା ବେଳେ ଗତ ୧୦ ବର୍ଷ ମଧ୍ୟରେ ପ୍ରାୟ ୪୦ ହଜାର ରୋଗୀ ଚିହ୍ନଟ ହୋଇଛନ୍ତି । ୨୦୧୭-୧୮ରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ୪୭୬ ଓ ୨୦୧୮-୧୯ରେ ୪୬୫ ଜଣଙ୍କର ମୃତ୍ୟୁ ହୋଇଛି । ଏଥି ସହ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର ମଧ ଅନ୍ୟ ଜିଲ୍ଲା ଠାରୁ ଅଧିକ । ଏସବୁକୁ ଧ୍ୟାନ ଦେଇ ଜିଲ୍ଲାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ।ଣିବାକୁ ହେଲେ ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କାଯିବାର ଯତାର୍ଥତା ରହିଛି । ଏହା ଛଡା ସମ୍ବିଧାନର ୫ ଅନୁଚ୍ଛେଦରେ ଆଦିବାସୀ ବହୁଳ ଅଂଚଳକୁ ଅଗ୍ରାଧିକାର ଦେବାର ପ୍ରାଭଧାନ ରହିଛି । ତେଣୁ ରାଜ୍ୟର ଅନ୍ୟ ଜିଲ୍ଲା ଅପେକ୍ଷା କନ୍ଧମାଳ ଜିଲ୍ଲାରେ ମେଡିକାଲ କଲେଜ ଅଗ୍ରାଧିକାର ଭିତିରେ ପ୍ରତିଷ୍ଠା କରାଯିବା କଥା । ଏବେ କେନ୍ଦ୍ର ସରକାର ଦେଶରେ ୭୫ଟି ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଂ ଘୋଷଣା କରିଥିବା ବେଳେ ସେଥି ମଧ୍ୟରୁ ପ୍ରାୟ ୬ଟି ଓଡିଶାରେ ହେବାର ଅଛି । ତେଣୁ ସେଥିମଧ୍ୟରୁ ଗୋଟିଏ କନ୍ଧମାଳରେ ପ୍ରତିଷ୍ଠା କରିବାକୁ ସେ ଦାବି କରିବା ସହ ଏହା ଦ୍ୱାରା କନ୍ଧମାଲ ଜିଲ୍ଲାର ୮ ଲକ୍ଷ ଜନସାଧାରଣଙ୍କ ସମେତ ନୟାଗଡ, ବୌଦ୍ଧ, ସୋନପୁର ଓ ଗଂଜାମ ଜିଲ୍ଲାର ଭଂଜନଗର ଅଂଚଳର ଲୋକମାନେ ଉପକୃତ ହୋଇ ପାରିବେ । ତେଣୁ ଏଥିପାଇଁ ଗଣମାଧ୍ୟମ ସରକାରଙ୍କ ଦୃଷ୍ଟିକୁ ଆଣିବାକୁ ସେ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ କରିଥିଲେ । କମିଟିର ଆବାହକ ଅଶୋକ ପରିଡା ଉପସ୍ଥିତ ରହି କମିଟି ପକ୍ଷରୁ ମେଡିକାଲ କଲେଜ ପାଇଁ ଏ ପର୍ଯ୍ୟନ୍ତ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଆଗାମୀ ୧୧ ତାରିଖରେ କମିଟି ପକ୍ଷରୁ ଏକ ମୋଟରସାଇକଲ ରାଲି କରାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ କମିଟି ପକ୍ଷରୁ ସ୍ଥିର କରାଯାଇଥିବା ସେ କହିଥିଲେ । ଆଗାମୀ ଦିନରେ ଦାବି ପୁରଣ ପାଇଁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପ ସଭାପତି ବ୍ରହ୍ମାନନ୍ଦ ବେହେରା, ନବୀନ କିଶୋର ପଣ୍ଡା, ପ୍ରସନ୍ନ କୁମାର ସାହାଣୀ, ଉପଦେଷ୍ଟା ଆଇନଜୀବୀ ବିଜୟ କୁମାର ପଟ୍ଟନାୟକ ସାମ୍ବାଦିକ ବଟକୃଷ୍ଣ ବିହାରୀ, ସଦାଶିବ ପାତ୍ର, ଶିବାନନ୍ଦ ପଟ୍ଟନାୟକ ପ୍ରମୁଖ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଉପରେ ଦୀଗଦର୍ଶନ ଦେଇଥିଲେ । ଶେଷରେ କମିଟିର ଗଣମାଧ୍ୟମ ଆବାହକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବନଜ୍ୟୋତି ଶାରଦୀୟ ବିଶେଷାଙ୍କ ଉନ୍ମୋଚିତ



ଚଣ୍ଡିଖୋଲ , ୧୧/୧୦(ପିଏନ)- ବଡ଼ଚଣାରୁ ପ୍ରକାଶ ପାଉଥିବା ତ୍ରୈମାସିକ ସାହିତ୍ୟପତ୍ର ବନଜ୍ୟୋତି ଶାରଦୀୟ ପୂଜା ବିଶେଷାଙ୍କ ଆଜି ଉନ୍ମୋଚିତ ହୋଇଛି । ଚଣ୍ଡିଖୋଲ ପ୍ରେସ୍ କ୍ଲବ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଉନ୍ମୋଚିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ଶିବରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର କୁମାର ରାଉତ ଯୋଗଦେଇ ପାଶ୍ଚ୍ୟତ ଶିକ୍ଷା ଓ ସଂସ୍କୃତି ପ୍ରଭାବରେ ଆଜିର ସମାଜରୁ ହଜିଯାଉଥିବା ଓଡ଼ିଆ, ଭାଷା, ସାହିତ୍ୟ ସଂସ୍କୃତି ଓ ପରମ୍ପରାକୁ ଉଦ୍‌ଯିବିତ କରିବାରେ ଏହି ସାହିତ୍ୟ ପତ୍ରିକାଟି ସାହାର୍ଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରେସ୍ କ୍ଲବ୍‌ର ସଂମ୍ପାଦକ ଦୀଲିପ କୁମାର ମହାନ୍ତି ଓଡ଼ିଆ ସାହିତ୍ୟ ପତ୍ରିକା ମଧମରେ ବନଜ୍ୟୋତି ତାର ସ୍ୱତନ୍ତ୍ରତା ବଜାଇ ରଖିବା ସହିତ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରଚାର ପ୍ରସାର ଦିଗରେ ଏହା ଗୁରୁତ୍ୱପୂର୍ତ୍ତ ଭୁମିକା ବହନ କରିବା ସହିତ ଉକ୍ତ ପତ୍ରିକାଟି ପାଠକମାନଙ୍କର ଆଦୃତି ଲାଭ କରିବ ବୋଲି ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧରେ ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ମୋହନ ଖିଲାର ପ୍ରମୁଖ ଯୋଗଦେଇ ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ପତ୍ରିକା ସମ୍ପାଦକ ବୃନ୍ଦାବନ କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିବା ସହିତ ସମସ୍ତଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରାଫିକ ଥାନା ଅଧିକାରିଣୀଙ୍କୁ ଢେଲାମାଡ଼ ଘଟଣା: ଦୁଇ କୋର୍ଟ ଚାଲାଣ

ଚଣ୍ଡିଖୋଲ , ୧୧/୧୦(ପିଏନ)-- ଚଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରିଣୀ ବିଜୟିନୀ ମଲ୍ଲ ଙ୍କୁ ମଙ୍ଗଳ ବାର ରାତିରେ ଢେଲା ମାଡ଼ କରିଥିବା ଅଭିଯୋଗରେ ବଡ଼ଚଣା ପୋଲିସ ଦୁଇଜଣଙ୍କୁ କେସ ନଂ ୨୨୮/୧୯ ଦଫା ୨୯୪, ୩୫୩, ୩୦୭, ୩୩୬,୨୨୭,୫୦୬, (୩୪) ଆଇପିସିରେ ଗୁରୁବାର କୋର୍ଟ ଚାଲାଣ କରିଛି । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଗଡ଼ି ସବଜେଲକୁ ପଠାଇ ଦିଆଯାଇଛି । ସୁଚନା ଥାଉକି ଦଶହରା ଦିନ ରାତିରେ ଚଣ୍ଡିଖୋଲ ଟ୍ରାଫିକ ଥାନା ଅଧିକାରିଣୀ ଦୂର୍ଗା ମଣ୍ଡପ ଠାରୁ ୩ଶହ ମିଟର ଦୂରରେ ଯାନ ବାହାନ ଯାଞ୍ଚ କରୁଥିଲେ । ଏହି ଯାଞ୍ଚ ଦ୍ୱାରା ମା"ଙ୍କୁ ଦର୍ଶନ କରିବାକୁ ଯାଉଥିବା ପରିବାର ଯାଞ୍ଚରେ ପଡ଼ି ଜୋରିମାନା ଦେଇଥିଲେ । ଏହି ସମୟରେ ଚଣ୍ଡିଖୋଲ ନିକଟସ୍ଥ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ପଞ୍ଚାୟତ ମିଲତନଗର ବସ୍ତିର ସେକ ରିଜୁଆନ ଅଲ୍ଲୀ ଓ ସେକ ସରିଫୁଲ୍ଲା ହକ୍ ଏକ ମୋଟର ସାଇକେଲରେ ଆସି ଧରାପଡ଼ିଥିଲେ । ସେମାନଙ୍କ ବିରୁଦ୍ଧରେ ଜୋରିମାନା କଟା ଯାଇଥିଲା । ଏହି ଜୋରିମାନା କଟାଯିବା ପରେ ଯାଞ୍ଚ ଦାୟିତ୍ୱରେ ଥିବା କେତେକ କର୍ମଚାରୀ ଉଭୟଙ୍କୁ ଗାଳି ଗୁଲଜ କରିଥିଲେ । ତେବେ ଏହାର କିଛି ସମୟ ପରେ ଏକ ଢେଲା ଆସି ଟ୍ରାଫିକ ଥାନା ଅଧିକାରିଣୀଙ୍କ ମୁଣ୍ଡରେ ବାଜିଥିଲା । ସେ ଆହାତ ହୋଇ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଥିଲେ । ଏହା ପରେ ଟ୍ରାଫିକ ଥାନା ତରଫରୁ ବଡ଼ଚଣା ଥାନାରେ ଏକ ମାମଲା ରୁଜୁ ହେଲା ପରେ ଉଭୟଙ୍କୁ ବୁଧବାର ପୋଲିସ ଆଣି ଅଟକ ରଖିଥିଲା । ଗୁରୁବାର ଏହି ଦୁଇଜଣଙ୍କୁ ସନ୍ଦେହ କରି ପୋଲିସ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିବା ପରେ ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ରଗଡ଼ି ସବଜେଲକୁ ପଠାଇ ଦିଆ ଯାଇଛି ।




# ହେ ଦେବୀ ! ତୁମେ ଶାନ୍ତ ହୁଅ !



ମହିଷାସୁର ଓ ଦେବୀଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଭୀଷଣ ଯୁଦ୍ଧ ଲାଗି ରହିବାପରେ ଶେଷରେ ଉଗ୍ରରୂପା ଦେବୀ ମହାଷ୍ଟମୀ ଓ ମହାନବମୀର ସନ୍ଧିକ୍ଷଣରେ ଦୁଷ୍ଟ ମହିଷାସୁରକୁ ଦେବୀ ବଧ କଲେ। ସ୍ୱର୍ଗର ସମସ୍ତ ଦେବତା ଏକଥା ଦେଖି ମହାମାୟାଙ୍କ ଉପରେ ଆନନ୍ଦରେ ପୁଷ୍ପ ବୃଷ୍ଟି କଲେ। କିନ୍ତୁ ପ୍ରଚଣ୍ଡ ରୂପଧାରିଣୀ ଉଗ୍ରରୂପା ଦେବୀ ଦୁଷ୍ଟ ଦାନବକୁ ବଧ କରିବା ନିମନ୍ତେ ଏତେ ରଣମତ୍ତ ହୋଇ ଉଠିଥିଲେ ଯେ ମହିଷାସୁରର ମୃତ୍ୟୁ ପରେ ସୁଦ୍ଧା ତାଙ୍କର କ୍ରୋଧ ଶାନ୍ତ ହେଲା ନାହିଁ। ସେ ସେହିଭଳି ଉଗ୍ରରୂପା ହୋଇ ରହିଲେ। ଦେବୀଙ୍କ ମୁକ୍ତ କେଶ, ଖର ନିଃଶ୍ୱାସ, ରକ୍ତିମ ଚକ୍ଷୁ, ସ୍ଫୁରିତ ଓଷ୍ଠ, ଉନ୍ମୁକ୍ତ ବକ୍ଷ ଏବଂ ଭୟଙ୍କର ପାଦଶବ୍ଦକୁ ଦେଖି ଦେବତାମାନେ ଭୟ କଲେ ଯେ ପର ମୁହୂର୍ତ୍ତରେ ସୃଷ୍ଟି ବିନାଶ ଯିବ। ତେଣୁ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଉପଦେଶ କ୍ରମେ ସମସ୍ତ ଦେବାଦେବୀ ଯୋଡ଼ହସ୍ତ ହୋଇ ମହାମାୟାଙ୍କୁ ତାଙ୍କର ଚଣ୍ଡୀରୂପ ତ୍ୟାଗ କର ସଂସାର କଲ୍ୟାଣକାରିଣୀ ପାଳନକର୍ତ୍ତ୍ରୀ ରୂପ ଧାରଣ କରିବାକୁ ସ୍ତୁତି କଲେ। ଯୋଡ଼ହସ୍ତରେ ଦେବତାମାନେ ପୁଷ୍ପବୃଷ୍ଟି ସହ ଏକ ସ୍ୱରରେ ନିବେଦନ କଲେ, 'ହେ ଚଣ୍ଡିକେ ତୁମଠାରେ ଏ ସଂସାରର ସୃଷ୍ଟିର ରହସ୍ୟ ନିହିତ ତୁମେ ସଚ୍ଚିଦାନନ୍ଦମୟ। ପରାଶକ୍ତି ରୂପେ ପ୍ରକଟିତ ହୋଇ ତୁମେ ଦୁଷ୍ଟ ଦୈତ୍ୟ କବଳରୁ ଏ ସଂସାରକୁ ରକ୍ଷା କଲ। ଏବେ ତୁମେ କ୍ରୋଧ ପରିହାର କର ଶାନ୍ତ ହୁଅ। ତୁମଠାରୁ ବ୍ରହ୍ମ, ବିଷ୍ଣୁ, ରୁଦ୍ର ଜାତ। ଅଗ୍ନି, ବାୟୁ, ଜଳ, ଜୀବ, ଅଜୀବ ସମସ୍ତଙ୍କର ସୃଷ୍ଟିକର୍ତ୍ତା ତୁମେ। ଦେବତା, ଗନ୍ଧର୍ବ, କିନ୍ନର, ଅପ୍ସରା, ଯକ୍ଷ ଓ ସିଦ୍ଧାଦି ଦେବଯୋନି ବିଶେଷ ତୁମର ସୃଷ୍ଟି। ଅଣ୍ଡଜ, ଉଦ୍ଭିଦଜ, ସ୍ୱେଦଜ, ଜରାୟୁଜ, ସ୍ଥାବର, ଜଙ୍ଗମ ମନୁଷ୍ୟାଦି ପ୍ରାଣୀ ତୁମେ ସର୍ଜନାର ଅଂଶବିଶେଷ। ତୁମେ ରୁଦ୍ର, ବସୁ, ଆଦିତ୍ୟ ଓ ବିଶ୍ୱଦେବଗଣଙ୍କ ରୂପରେ ପ୍ରକଟିତ। ତୁମେ ମହାଶକ୍ତି, ସର୍ବକାରଣରୂପା, ଆଧାରଭୂତା। ତୁମଠାରେ ପରା ଓ ଅପରା ଶକ୍ତି ନିହିତ। ତୁମେ ପଞ୍ଚମହାଭୂତ, ଅଷ୍ଟବସୁ, ନବଦୁର୍ଗା, ଦଶ ମହାବିଦ୍ୟା, ଏକାଦଶରୁଦ୍ର ଓ ଦ୍ୱାଦଶଦିତ୍ୟ ଭାବେ ବିଦ୍ୟମାନ। ସତ୍ତ୍ୱ, ରଜ ଓ ତମରୂପର ଅଧିକାରୀ ତୁମେ। ତୁମେ ଅଜ୍ଞେୟ, ଅନନ୍ତା, ଅଲକ୍ଷା, ଅଜା,ରୂପଯୁକ୍ତା। ତୁମେ ସମପ୍ରଭାମୟୀ, ସୌମ୍ୟା, ବରଦା ଓ ଅଭୟ ପ୍ରଦାୟିନୀ। ତୁମେ ମହାଭୟ ବିନାଶିନୀ, ମହାଦୁର୍ଗା ପ୍ରଶମିନୀ ମହାକାରୁଣ୍ୟରୂପିଣୀ ଓ ଅନନ୍ତା। ସଂସାରର ସମସ୍ତ ଗୁଣ ଦୟା, କ୍ଷମା, ନିନ୍ଦା, ଘୃଣା, ତୃଷ୍ଣା, ତୃପ୍ତି, ଶଙ୍କା, କାନ୍ତି, ଭକ୍ତି, ଧୃତି, ମତି, ତୃଷ୍ଟି, ପୃଷ୍ଟି, ଶକ୍ତି, ଲଜ୍ଜା ଅଗ୍ନିସ୍ଫୁଲିଙ୍ଗ ପରି ତୁମଠାରେ ନିହତ। ତେଣୁ ହେ ଦେବୀ ତୁମକୁ ଶତକୋଟି ନମସ୍କାର। 'ନମୋ ଦେବ୍ୟୈ ମହାଦେବ୍ୟୈ, ଶିବାୟୈ ସତତଂ ନମଃ। ନମଃ ପ୍ରକୃତ୍ୟୈ ଭଦ୍ରାୟୈ ନିୟତାଃ ପ୍ରଣତାଃ ସ୍ମତାମ୍।। ତୁମେ ଶାନ୍ତ ହୁଅ। ଏବେ ପାଳନକର୍ତ୍ତ୍ରୀ, କରୁଣାମୟୀ, କଲ୍ୟାଣକାରିଣୀ ରୂପ ଧାରଣ କର। ତୁମ ନିଶ୍ୱାସ ସ୍ୱାଭାବିକ ହେଉ। ତୁମ ଗର୍ଜନ ଶାନ୍ତ ପଡୁ। ତୁମ କେଶ ପୁଣି କୁଞ୍ଚିତ ହେଉ। ତୁମଠାରେ ଅଭୟା ମାତାର ସ୍ୱଭାବ ପୁନଃ ପ୍ରକଟିତ ହେଉ। ହେ କଲ୍ୟାଣୀ, ତୁମେ ମଙ୍ଗଳମୟୀ ଭାବେ ପ୍ରକଟିତ ହୁଅ। ମନ୍ତ୍ରାଣାଂ ମାତୃକା ଦେବୀ, ଶବ୍ଦାନାଂ ଜ୍ଞାନରୂପିଣୀ। ଜ୍ଞାନାନାଂ ଚିନ୍ମୟାତୀତା ଶୂନ୍ୟାନାଂ ଶୂନ୍ୟ ସାକ୍ଷିଣୀ, ଯସ୍ୟା ପରତରଂ ନାସ୍ତି ସୈବ୍ୟ, ଦୁର୍ଗା ପ୍ରକୀର୍ତ୍ତିତା। ଦେବତାମାନଙ୍କ ଏପରି ସମୂହ ସ୍ତୁତିଗାନ ଦେବୀଙ୍କ କର୍ଣ୍ଣରେ ପଡ଼ିବାମାତ୍ରେ ତାଙ୍କ କ୍ରୋଧ ଧୀରେ ଶାନ୍ତ ପଡ଼ିଲା। ଖର ନିଶ୍ୱାସ ସ୍ୱାଭାବିକ ହେଲା। ଚକ୍ଷୁଯୁଗଳ ଦୟାର୍ଦ୍ର ପାଲଟିଗଲା। ମୁଖମଣ୍ଡଳରେ ମାତୃଭାବ ଉଦ୍ଭାସିତ ହେଲା। ଦକ୍ଷିଣ ହସ୍ତ ଅଭୟ ମୁଦ୍ରାଯୁକ୍ତ ହେଲା। ଜିହ୍ୱା ମୁଖଗହ୍ୱରକୁ ପ୍ରବେଶ କଲା। ସମସ୍ତ ଅସ୍ତ୍ର ଶାନ୍ତ ପଡ଼ିଲେ। ଚଣ୍ଡିକା ରୂପରୁ ଦେବୀ ପୁଣିଥରେ ଭୁବନେଶ୍ୱରୀ ପାଳନକର୍ତ୍ତ୍ରୀ ପାଲଟିଗଲେ। ସଂସାରର ଦୁର୍ଗତିନାଶନ କରିବା ପରେ ସେ ହୋଇଗଲେ ସଂସାରତାରିଣୀ - ଦେବତାଙ୍କ ସହ ଜଗତର ସମସ୍ତଙ୍କୁ ଅଭୟ ପ୍ରଦାନ କରି ସେ କହିଲେ - ସର୍ବାବାଧା ବିନିର୍ମୁକ୍ତୋ ଧନଧାନ୍ୟ ସୁତାନ୍ୱିତ ମନୁଷ୍ୟା ମତ୍ ପ୍ରସାଦେନ ଭବିଷ୍ୟତି ନସଂଶୟଃ। ତେଣୁ ଶାରଦୀୟ ଓ ବାସନ୍ତୀ ଦୁର୍ଗାପୂଜା ଶେଷରେ ସଭିଏଁ ଯୋଡ଼ହସ୍ତରେ ନିବେଦନ କରିଥାନ୍ତି ହେ ଦେବୀ, ସଂସାରରୁ ସମସ୍ତ ଦୁଃଖ, କଷ୍ଟ, କ୍ଲେଷ ଦୂର ପାଇଁ ପ୍ରତିବର୍ଷ ତୁମେ ଆଗମନ କର। ଦୁଷ୍ଟ ବିନାଶ କର। ଏ ସଂସାରକୁ ରକ୍ଷା କର। ଏହିପରି ଭାବେ ତୁମ ଆଗମନ ଓ ପ୍ରତ୍ୟାଗମନ ଲାଗି ରହିଥାଉ।

**ଡଃ. ଅରୁନ୍ଧତୀ ଦେବୀ,**
**ଶୋଭନୀୟ ଆନ୍ଦୋଳନ, ଭୁବନେଶ୍ୱର,**
**ଦୂରଭାଷ : ୯୯୩୭୧୭୨୮୧୦**

## ପ୍ରାଥମିକତାର ଶୀର୍ଷରେ ରାସାୟନିକ ସାରର ବିକଳ୍ପ ହିଁ ଜୈବିକ କୃଷି



ରାଉଳପଲ୍ଲୀ (ପିଏନ୍)- ଖାଦ୍ୟକୁ ମଣିଷର ପ୍ରଥମ କବଚ ଭାବେ ବିବେଚନା କରାଯାଇଥିବା ବେଳେ କୃଷି ହିଁ ଏହାର ମୁଖ୍ୟ ଆଧାର ରୂପେ ପ୍ରତିପାଦିତ ହୋଇଆସିଛି। କୃଷି - ସାଧାରଣ କୃଷକର ମର୍ମବେଦନାର ଅନ୍ତଃସ୍ୱର , ବେଦନାସିକ୍ତ କର୍ମର ସାର୍ଥକ ଉଚ୍ଚାରଣ। କୃଷକ ଏହି କର୍ମସିକ୍ତ ଯାତ୍ରାର ପ୍ରକୃତ ସାରଥୀ। ସମବେଦନା ନୁହଁ ବରଂ ମାନବିକତାର ଶୀର୍ଷରେ କୃଷକର ସ୍ଥାନ ସର୍ବାଗ୍ରେ ରହିଆସିଛି। ଏହି ପରିପ୍ରେକ୍ଷୀରେ ବିଚାର କଲେ କୃଷି ଓ କୃଷକ ଓଡ଼ିଆ ସଭ୍ୟତାର ଏନ୍ତୁଡ଼ିଶାଳ। ସରକାରଙ୍କ ଫୋକସ୍‌ରେ ଏବେ କୃଷି ଆଉ କୃଷକର ବିକାଶ। ବିକାଶର ନାରାରେ ସରକାର କୃଷକର କଲ୍ୟାଣାର୍ଥେ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଏକ ଲକ୍ଷ ଚାଷୀଙ୍କର ପୂର୍ବ କୌଶଳ ଓ ଅଭିଜ୍ଞତାକୁ ମାନ୍ୟତା ଦେବା ଦିଗରେ ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହାକୁ ଆଧାର କରି ଗଂଜାମ ଜିଲ୍ଲାର ରାଉଳପଲ୍ଲୀ ଗ୍ରାମଠାରେ ୧୦ଦିନିଆ ପ୍ରଶିକ୍ଷଣ ଶିବିର ହୋଇଯାଇଛି। ଏହି କର୍ମଶାଳାରେ ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ର - ଡ଼ି ଶୁଭମ୍ ଓ ସୁଶାନ୍ତ କୁମାର ଚୌଧୁରୀ ପ୍ରମୁଖ ଚାଷୀମାନଙ୍କୁ ଜୈବିକ କୃଷି ଉପରେ ପ୍ରଶିକ୍ଷଣ ଦେଇଥିଲେ। ସ୍ୱଳ୍ପ ସମୟ , ସୀମିତ ଖର୍ଚ୍ଚ ଆଉ ଉନ୍ନତ ଉତ୍ପାଦନର ମୁଖବନ୍ଧ ହିଁ ଜୈବିକ କୃଷି ବୋଲି ପ୍ରଶିକ୍ଷକ ମାନେ ଉପସ୍ଥାପନ କରିଥିଲେ। ଅଧୁନା କ୍ଷେତରେ ରାସାୟନିକ ସାରର ବହୁଳ ବ୍ୟବହାର ଫଳରେ ଜମିର ଉର୍ବରତା ହ୍ରାସ ପାଇବା ସହ ସୁସ୍ଥ ପନିପରିବା ପାଇବାରେ ମାନବ ବଂଚିତ ହେଉଛି। ସୁତରାଂ, ଜୈବିକ କୃଷି ହିଁ ଏହାର ଏକମାତ୍ର ବିକଳ୍ପ। ପଂଚଗବ୍ୟ, ଦଶଗବ୍ୟ, ବୀଜାମୃତ, ହାଣ୍ଡିଖତ, ଜୀବାମୃତ ପ୍ରଭୃତିର ବ୍ୟବହାର ଓ ପ୍ରୟୋଗ ବିଧି ସମ୍ପର୍କରେ କୃଷି ପ୍ରଶିକ୍ଷକମାନେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଏହାବ୍ୟତୀତ ତପନ କୁମାର ରାଉଳ ଚାଷୀମାନଙ୍କୁ ଜୈବିକ କୃଷିର ଉପକାରିତା ସହ ଏହାଦ୍ୱାରା ମିଳିପାରୁଥିବା ସୁବିଧାସୁଯୋଗ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। କଳାକାହ୍ନୁ ଟ୍ରଷ୍ଟର ସହାୟତାରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ଅଜୟ ପଟ୍ଟନାୟକ ପ୍ରକଳ୍ପର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ପ୍ରଶିକ୍ଷଣ ଶେଷରେ ଦକ୍ଷତା ବିକାଶର ପ୍ରମାଣପତ୍ର ମିଳିବ ବୋଲି କହିଥିଲେ। ଏହି ଶିବିରରେ କଳାକାର ରାଉଳ ପରିଚାଳନାରେ ସହଯୋଗ କରିବା ସହ ଜୈବିକ କୃଷିର ଉପାଦେୟତା ବିଷୟରେ ଚାଷୀମାନଙ୍କୁ ବୁଝାଇଥିଲେ।

# ବିଶ୍ୱକୁ ପରିବର୍ତ୍ତନ କରିବାର କ୍ଷମତା କବିତାର ରହିଛି: ଉପରାଷ୍ଟ୍ରପତି



ଭୁବନେଶ୍ୱର (ପିଏନ୍): ବିଶ୍ୱକୁ ପରିବର୍ତ୍ତନ କରିବାର କ୍ଷମତାର ରହିଛି ବୋଲି ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ କହିଛନ୍ତି। କିଟ୍ ପରିସରରେ ୩୯ତମ ବିଶ୍ୱ କବି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ନାଇଡୁ କହିଲେ, ଦୟା ହେଉଛି ସବୁଠାରୁ ବଡ଼ ବିଚାର। ଯେତେବେଳେ ଦୟା ସବୁଠାରୁ ଶକ୍ତିଶାଳୀ ମାଧ୍ୟମ କବିତା ମାଧ୍ୟମରେ ପ୍ରସାରିତ ହୋଇଥାଏ, ସେତେବେଳେ କବିତା ବିଶ୍ୱରେ ପରିବର୍ତ୍ତନ ଆଣିପାରିଥାଏ। ସେ କହିଲେ, ଚଳିତବର୍ଷ ଭାରତର ସୁନ୍ଦର ରାଜ୍ୟ ଓଡ଼ିଶାରେ ବିଶ୍ୱ କବି ସମ୍ମିଳନୀ ଅନୁଷ୍ଠିତ ହେବା ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ। କବିତା ମାଧ୍ୟମରେ ଭ୍ରାତୃତ୍ୱ ଭାବ ଓ ଶାନ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ୩୯ତମ କବି ସମ୍ମିଳନୀ ସଭାପତି ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ବେଶ ପ୍ରଶଂସନୀୟ। ତାଙ୍କର ଏହି ଦୂରଦୃଷ୍ଟି ଯୋଗୁଁ ଏଠାରେ ବିଭିନ୍ନ ଦେଶର କବିମାନଙ୍କର ବିଚାରଧାରା, ଭାଷା, ଶବ୍ଦ, ତାଳ ଓ ଲୟର ସମନ୍ୱୟ ଦେଖାଦେଇଛି। ଦୟା ଆମ ସମସ୍ତଙ୍କ ମଧ୍ୟରେ ରହିଛି। କିନ୍ତୁ ଆମେ ଏହାକୁ ଅନୁଭବ କରି ଅଭ୍ୟାସରେ ପରିଣତ କରିବା ଉଚିତ ବୋଲି ସେ କହିଥିଲେ। ଆମର ସମସ୍ତ ପ୍ରକାର କ୍ରିୟା ଅବଚେତନ ଅବସ୍ଥାରେ ଦୟା, କରୁଣା ଏବଂ ସକାରାତ୍ମକ ମନୋଭାବ ପ୍ରଦର୍ଶନ କରିଥାଏ। ଦୟା ହେଉଛି କବିତାର ମୂଳମନ୍ତ୍ର। ଆମର ଆଦି କାବ୍ୟ ରାମାୟଣର ପ୍ରଥମ ଶବ୍ଦ 'ମା ନିଶାଦ'ରୁ ଆରମ୍ଭ ହୋଇଛି। ଏଥିରେ ମହର୍ଷି ବାଲ୍ମୀକି ବ୍ୟାଧକୁ ପକ୍ଷୀଟିକୁ ନମାରିବା ପାଇଁ ଅନୁରୋଧ କରିଛନ୍ତି। ଏହା ହେଉଛି ଦୟା ଭାବ। ଏହା ହେଉଛି ମହର୍ଷି ବାଲ୍ମୀକିଙ୍କ ଗୋଟିଏ ଅମୂଲ୍ୟ ଜୀବନ ନଷ୍ଟ ହୋଇଯିବାର ଶୋକ, ଯାହା କି ଶ୍ଳୋକ ବା କବିତାରେ ସେ ପରିପ୍ରକାଶ କରିଛନ୍ତି। କବିତା ଗଭୀର ଭାବନାକୁ ପରିପ୍ରକାଶ କରିବା ସହ ଆଶ୍ଚର୍ଯ୍ୟଜନକ ପ୍ରତିଛବି ସୃଷ୍ଟି କରିଥାଏ। ଜୀବବିଜ୍ଞାନୀଙ୍କ ମତରେ ମାନବ ବିବର୍ତ୍ତନରେ ସୃଜନଶୀଳତାର ବିକାଶ ସବୁଠାରୁ ବଡ଼ ପଦକ୍ଷେପ ଥିଲା। ସୃଜନଶୀଳ ବ୍ୟକ୍ତିଙ୍କ ବ୍ୟତୀରେକ ସମାଜ ଆଗକୁ ବଢ଼ିପାରେ ନାହିଁ ବୋଲି ଶ୍ରୀ ନାଇଡୁ କହିଥିଲେ। ଅନ୍ୟତମ ଅତିଥି ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଲେ, ଓଡ଼ିଶା ହେଉଛି ସ୍ୱର୍ଗୀୟ ଭୂମି। ବିଶ୍ୱର ଆଧ୍ୟାତ୍ମିକ ଗୁରୁ ଏବଂ ଆଧ୍ୟାତ୍ମିକ ଦାର୍ଶନିକଙ୍କ ମତରେ ଏହି ଭୂମିର ମୁକ୍ତି ଦେବାର କ୍ଷମତା ରହିଛି। ଓଡ଼ିଶା ଏଭଳି ଏକ ପୁଣ୍ୟଭୂମି ଯେଉଁଠି ପ୍ରତ୍ୟେକ ଜଣେଜଣେ ଜଗନ୍ନାଥଙ୍କ ପ୍ରତିନିଧି। ପ୍ରଭୁ ଜଗନ୍ନାଥ କହୁଛନ୍ତି ତୁମମାନଙ୍କୁ ମୁକ୍ତି ଦେବା ପାଇଁ ମୁଁ ଏଠାରେ ଅଛି। ଉତ୍କଳ ଭୂମିର ସବୁଠାରୁ ଅନନ୍ୟ ଦିଗ ହେଉଛି ଏଠାରେ ଜାତି, ଧର୍ମ, ବର୍ଣ୍ଣ ମଧ୍ୟରେ ବିଭେଦ ନାହିଁ। ଏହା ଛଡ଼ା ଓଡ଼ିଶା ଲୋକମାନଙ୍କ ଭଲ ପାଇବା, ଦାୟା ଭାବ ଓ ସରଳ ସ୍ୱଭାବ ଏହାକୁ ଆହୁରି ଋଦ୍ଧିମନ୍ତ କରିଛି। ଶ୍ରୀ ଜଗନ୍ନାଥ ସ୍ୱୟଂ ହେଉଛନ୍ତି ଜଣେ କବି। କେନ୍ଦ୍ର ମତ୍ସ୍ୟ, ପଶୁସମ୍ପଦ, ଗୋପାଳନ ତଥା ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଲେ, ମୁଁ ଏହି କବି ସମ୍ମିଳନୀରେ ଯୋଗ ଦେଇଥିବା କବିମାନଙ୍କ ଦ୍ୱାରା ପ୍ରଭାବିତ ହୋଇଛି। ସେମାନଙ୍କୁ ମୁଁ ମୋର ସମ୍ମାନ ଜଣାଉଛି। କବିତା ହେଉଛି ଦୟା। ବାଲ୍ମୀକି ହେଉଛନ୍ତି ସର୍ବପୁରାତନ କବି। ଯେତେବେଳେ ସେ ବିଶ୍ୱର ବ୍ୟଥା ଦେଖିଛନ୍ତି, ସେତେବେଳେ ତାଙ୍କ ମାଧ୍ୟମରେ କବିତା ସୃଷ୍ଟି ହୋଇଛି। ଆମ ଭିତରେ ଦୟାରୁ କବିତା ସୃଷ୍ଟି ହୋଇଥାଏ। କବିତା ପ୍ରତ୍ୟେକ ମଣିଷର ହୃଦୟକୁ ଛୁଇଁଥାଏ। କବି ହେଉଛି ହୃଦୟର ମଣିଷ ଓ ହୃଦୟବାନ ମଣିଷ। ବିଶ୍ୱ କବି ସମ୍ମିଳନୀର ସଭାପତି ଡ. ମାଉରସ ୟଙ୍ଗ କହିଲେ, ସମୟର ଗତି ଖୁବ୍ କ୍ଷୀପ୍ର। ଭାରତର ଓଡ଼ିଶା ରାଜ୍ୟରେ ଚାଲିଥିବା ୩୯ତମ ବିଶ୍ୱ କବି ସମ୍ମିଳନୀ ଶେଷ ହୋଇଛି। ଏହି ୫ଦିନ ମଧ୍ୟରେ ଓଡ଼ିଶାର ସଂସ୍କୃତି, ପରମ୍ପରା ଦ୍ୱାରା ବେଶ ପ୍ରଭାବିତ ହୋଇଛୁ। ଓଡ଼ିଶା ହେଉଛି କବିତାର ଭୂମି। ଏଠାରେ ବହୁ ପ୍ରତିଭାବାନ୍ ଯୁବକ ଥିବା ମୁଁ ଦେଖିବାକୁ ପାଇଲି। ୩୯ତମ ବିଶ୍ୱ କବି ସମ୍ମିଳନୀ ହେଉଛି ସବୁଠାରୁ ସଫଳ ଓ ସୁନ୍ଦର ସମ୍ମିଳନୀ। ଏହା ବିଶ୍ୱ କବି ସମ୍ମିଳନୀର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ଏଥିପାଇଁ ବିଶ୍ୱ କବି ସମ୍ମିଳନୀ ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଉଛି। କାର୍ଯ୍ୟକ୍ରମରେ ୩୯ତମ କବି ସମ୍ମିଳନୀର ସଭାପତି ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ୱାର୍ଲଡ ଏକାଡେମୀ ଅଫ୍ ଆର୍ଟ ଆଣ୍ଡ କଲଚର୍‌ର ପ୍ରଥମ ଉପସଭାପତି ପ୍ରଫେସର ଅର୍ନେଷ୍ଟୋ କାହାନ, ସାଧାରଣ ସଂପାଦିକ ଡ. ମାରିଆ ୟୁଜେନିଆ ସୋବେରାନିସ, ଓଡ଼ିଶା ପର୍ଯ୍ୟଟନ, ସଂସ୍କୃତି, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ରାଷ୍ଟ୍ରମନ୍ତ୍ରୀ (ସ୍ୱା) ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ସସ୍ମିତାରାଣୀ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଚ୍ୟୁତ ସାମନ୍ତଙ୍କୁ ବିଶ୍ୱ କବି ସମ୍ମିଳନୀର ସର୍ବୋଚ୍ଚ ସମ୍ମାନ 'ଗୋଲ୍‌ଡେନ୍ ଗ୍ୟାବେଲ୍' ପ୍ରଦାନ କରାଯାଇଥିବା ବେଳେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଶିଷ୍ଟ ସାନ୍ତନୁ ଆଚାର୍ଯ୍ୟ, କବି ଓ ଲେଖକ ଡ. ପ୍ରସନ୍ନ ପାଟଶାଣୀଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଅଫ୍ ଲିଟରେଚର ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଯୁବ ଲେଖିକା ଅନାନ୍ତିନୀ ମିଶ୍ରଙ୍କୁ ତାଙ୍କ ପୁସ୍ତକ 'ଟ୍ରେଜର୍ ଅଫ୍ ସର୍ଟ ଷ୍ଟୋରିଜ୍' ଏବଂ ଆତ୍ମିକା ପଟ୍ଟନାୟକଙ୍କ ତାଙ୍କ ପୁସ୍ତକ 'ଜର୍ଣ୍ଣି ଅଫ୍ ଆଉଜେଣ୍ଡ ମାଇଲସ୍' ପାଇଁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

## ବରିଷ୍ଠ ନାଗରିକ ଯୋଗେନ୍ଦ୍ର ନାଥ ଦାଶଙ୍କର ପରଲୋକ



ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱର ଗୌତମନଗରର ବରିଷ୍ଠ ନାଗରିକ ତଥା ପରୋପକାରୀ ଓ ଉଦାର ବ୍ୟକ୍ତିତ୍ୱ ଯୋଗେନ୍ଦ୍ର ନାଥ ଦାଶଙ୍କର ବାର୍ଦ୍ଧକ୍ୟ ଜନିତ ରୋଗରେ ୯୦ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ ପ୍ରାୟ ଏକମାସ ଧରି କ୍ୟାପିଟାଲ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଥିଲା। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ, ୪ ଝିଅ, ଜ୍ୱାଇଁ, ପୁତ୍ର ଓ ପୁତ୍ରବଧୂମାନେ ଉପସ୍ଥିତ ଥିଲେ। ବହୁ ପୂର୍ବରୁ ତାଙ୍କର ପତ୍ନୀ ତଥା ସୁସାହିତ୍ୟିକା ଓ ପଲ୍ଲୀବଧୁର ସଂପାଦିକା ବସନ୍ତ ଦେବୀଙ୍କର ପରଲୋକ ଘଟିଥିଲା। ମୃତ୍ୟୁ ଖବର ପାଇ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀର ନିର୍ଦ୍ଦେଶକ ଡ. ମନୋଜ କୁମାର ଛାବ୍ରା, ରାଜ୍ୟର ପ୍ରମୁଖ ବନ ସଂରକ୍ଷକ ଡ.ସନ୍ଦିପ ତ୍ରିପାଠୀ, ପ୍ରାକ୍ତନ ମୁଖ୍ୟ ଆୟକର କମିଶନର ଶିବ ପ୍ରସାଦ ସ୍ୱାଇଁ, ବିଶିଷ୍ଟ ସାମ୍ବାଦିକ ଶ୍ରୀମୟ କର, ପ୍ରାକ୍ତନ କର୍ପୋରେଟର ନୃପେଶ ନାୟକ ଆଦି ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚିଥିଲେ। ଯୋଗେନ୍ଦ୍ର ନାଥ ଦାଶ ପ୍ରାୟ ୫୦ ବର୍ଷ ଧରି ସ୍ଥାନୀୟ ଗୌତମ ନଗର ଅଞ୍ଚଳର ବିକାଶ ସହିତ ଜଡିତ ରହିବା ସହ ଗୌତମନଗର କ୍ଲବର ପ୍ରତିଷ୍ଠାତା ସଭ୍ୟ ଓ ରାମେଶ୍ୱର ମନ୍ଦିର ଯଜ୍ଞ ସମିତିର ସଭ୍ୟ ରହିଥିଲେ। ସାଧାରଣରେ ସେ ବେଶ୍ ମେଳାପୀ, ଉଦାର ଓ ପରୋପକାରୀ ବ୍ୟକ୍ତି ଭାବେ ଜନପ୍ରିୟ ଥିଲେ। ଜୀବଦ୍ଦଶାରେ ଭୁବନେଶ୍ୱରର ବହୁ ବିଶିଷ୍ଟ ସାମ୍ବାଦିକ, ସାହିତ୍ୟିକ ଓ ରାଜନୈତିକ ବ୍ୟକ୍ତିତ୍ୱଙ୍କ ସହ ତାଙ୍କର ଅନ୍ତରଙ୍ଗ ସଂପର୍କ ରହିଥିଲା। ତାଙ୍କର ଶେଷ ଇଚ୍ଛା ଅନୁଯାୟୀ ସତ୍ୟ ନଗର ଶ୍ମଶାନଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହେବା ସହ ଅନ୍ତିମ ଯାତ୍ରାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।



ଭୁବନେଶ୍ୱରସ୍ଥ ଚନ୍ଦ୍ରଶେଖରପୁରଠାରେ ଖୋଲିଲା କ୍ୟାରଟ୍‌ଲେନର ଦ୍ୱିତୀୟ ଷ୍ଟୋର

## କଟକ ବନଖଣ୍ଡ ତରଫରୁ ୬୫ତମ ଜିଲ୍ଲାସ୍ତରୀୟ ବନ୍ୟ ପ୍ରାଣୀ ସପ୍ତାହ ପାଳିତ

ବ୍ୟାସନଗର (ପିଏନ): କଟକ ବନଖଣ୍ଡ ତରଫରୁ ଯାଜପୁରରୋଡ ବନାଂଚଳ ଅଧିକାରୀଙ୍କ ଆବାହକତ୍ୱରେ ଓ 'ଉଦୟବଟ' ସହଯୋଗରେ ଜିଲ୍ଲାସ୍ତରୀୟ ବନ୍ୟ ପ୍ରାଣୀ ସପ୍ତାହ ବ୍ୟାସନଗରର ମୁଣ୍ଡମାଳ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପାଳିତ ହୋଇଯାଇଛି। ପରିବେଶବିଦ୍ ତଥା 'ଉଦୟବଟ'ର ସଂପାଦକ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳିଙ୍ଗନଗରର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଟକ ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରକୃତିରେ ସମସ୍ତ ଜୀବଜନ୍ତୁଙ୍କର ବଂଚିବାର ଅଧିକାର ରହିଛି ବୋଲି କହିବା ସହ କିଛି ଜୀବଜନ୍ତୁମାନଙ୍କ ବିଲୁପ୍ତି ପାଇଁ କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ପ୍ରଗତି ଲକ୍ଷ୍ୟରେ କେତେକ ଜୀବଜନ୍ତୁମାନେ ବଳିପଡିଛନ୍ତି। ଫଳରେ ଖାଦ୍ୟ ଶୃଙ୍ଖଳରେ ବ୍ୟାହତ ସୃଷ୍ଟି ହୋଇଛି। ବ୍ୟାପକ ଜଙ୍ଗଲ ସୃଷ୍ଟି, ଜୀବଜନ୍ତୁଙ୍କ ରହିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିବା ସହ ଜନସଚେତନତା ଜରିଆରେ ସେମାନଙ୍କୁ ଶିକାର କରିବା ଉପରେ ଅଙ୍କୁଶ ଲଗାଯାଇପାରିବ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଯାଜପୁରରୋଡ ବନାଂଚଳ ଅଧିକାରୀ ଦେବେନ୍ଦ୍ର କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିବେଶ ସମିତିର ସଂପାଦକ ଶରତ ଚନ୍ଦ୍ର ସାହୁ, ଯାଜପୁର ଜିଲ୍ଲା ବନ୍ୟପ୍ରାଣୀ ୱାର୍ଡେନ କୈଳାସ ଚନ୍ଦ୍ର ସାସମଲ, କଳିଙ୍ଗନଗର ରୋଟାରୀ କ୍ଲବର ସଭାପତି ରୋଟାରିଆନ ଲୋକନାଥ ରାଉତ, ବ୍ୟାସନଗର ବରିଷ୍ଠ ନାଗରିକ ମଂଚର ସଭାପତି ଉପେନ୍ଦ୍ରନାଥ ବେହୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ସର୍ବଶ୍ରୀ ଚନ୍ଦ୍ରମଣି ସାମଲ, ବଟକୃଷ୍ଣ ପ୍ରଧାନ, ଗଦାଧର ଜେନା, ଉର୍ମିଳା ନାୟକ, ବସନ୍ତ ପାତ୍ର, କମଳଲୋଚନ ସାହୁ, ବିଦ୍ୟାଳୟର ବହୁ ଅଭିଭାବକ, ସାମ୍ବାଦିକ, ସୁକିନ୍ଦା, ଟମକା ଓ ଯାଜପୁରରୋଡର ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା, ଟମକା ବନାଚଂଳ ଅଧିକାରୀ ଘନଶ୍ୟାମ ମୁଦୁଲି, ବନପାଳ ପ୍ରେମାନନ୍ଦ ରାଉତରାୟ (ହେଡ଼କ୍ୱାର୍ଟର), ବେଣୁଧର ମହାନ୍ତି (ଯାଜପୁରରୋଡ), ବାଲାଇ ମୁର୍ମୁ (ଟମକା), ନରେଶ କୁମାର ଟୁଡୁ (ସୁକିନ୍ଦା), ଦଣ୍ଡହରି ନାୟକ(ଯାଜପୁର ଟାଉନ), ପରେଶ କୁମାର ସାହୁ (ବିଞ୍ଝାରପୁର), ଜଂଗଲ ବିଭାଗ କର୍ମଚାରୀ ତ୍ରିଲୋଚନ ଦାଶ, ନିର୍ମଳ ମଲ୍ଲିକ୍, ସ୍ୱରୂପ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ମନ୍ଦିରର ଗୁରୁଜୀ/ଗୁରୁମା ସର୍ବଶ୍ରୀ ଆଶିଷ ମଲ୍ଲ, ଦେବାନନ୍ଦ ମାଝୀ, ସଂଜୟ କୁମାର ଦାଶ, ଅଶାନ୍ତି ସାମଲ, କଳ୍ପନା ରାଉତ, ପ୍ରିୟମ୍ବଦା ବିଶ୍ୱାଳ, ସୁଜାତା ଶତପଥି, ଚିନା ମିଶ୍ର, ପ୍ରଭାତି ଦାସ, ସ୍ନେହୋଲି ଭୂୟାଁ, ବିଜୟିନୀ ଦାଶ, ଗଜେନ୍ଦ୍ର ସେଠୀ, ବଟକୃଷ୍ଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Praggan Communication




# ବ୍ରହ୍ମପୁରରେ ଭାନ୍ ହୁସେନ୍‌ର ନୂଆ ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର: ଆଦିତ୍ୟ ବିର୍ଲା ଫେସନ୍ ଆଣ୍ଡ୍ ରିଟେଲ୍ ଲିମିଟେଡ୍‌ର ପ୍ରିମିୟମ୍ ଫର୍ମାଲ୍ ଓ୍ୱାର ସଂସ୍ଥା ଭାନ୍ ହୁସେନ୍ ତରଫରୁ ବ୍ରହ୍ମପୁରରେ ଏକ ନୂତନ ଷ୍ଟୋର୍ ଖୋଲାଯାଇଛି । ସାଂସଦ ଚନ୍ଦ୍ରଶେଖର ସାହୁ ଉଦ୍‌ଘାଟନ କରିଛନ୍ତି ।



ସହରର ଗଣେଶ ଭବନ, ହନୁମାନ ବଜାର ରୋଡ୍ ନିକଟରେ ଖୋଲାଯାଇଥିବା ଏହି ନୂଆ ଷ୍ଟୋର୍‌କୁ ୭୫୦ ବର୍ଗଫୁଟରେ ସ୍ଥାପନ କରାଯାଇଛି ଏବଂ ଏଥିରେ ଯୁବ ପେସାଦାରଙ୍କ ପାଇଁ ଫେସନେବଲ୍ ପୋଷାକ ରହିଛି । ଏହି ଷ୍ଟୋର୍‌ରେ କର୍ପୋରେଟ୍ ସୁଟ୍ ଠାରୁ ଆରମ୍ଭ କରି ଫେସନ୍ ବ୍ଲେଜର୍, ଓ୍ୱାର୍କ ଓ୍ୱାର-କ୍ଲବ୍ ଓ୍ୱାର ଏବଂ ବିଭିନ୍ନ ପ୍ରକାର ଆକ୍ସେସୋରିଜ୍ ରହିଛି । ନୂତନ ଭାବେ ଉନ୍ମୋଚନ କରାଯାଇଥିବା ଭାନ୍ ହୁସେନ୍ ମେନ୍‌ସର ଇନର ଓ୍ୱାର ଏବଂ ଆଥ୍‌ଲିଜର୍ ରେଂଜ୍ ମଧ୍ୟ ଏହି ଷ୍ଟୋର୍‌ରେ ବିକ୍ରି କରାଯାଉଛି । ସମସାମୟିକ ପୁରୁଷମାନଙ୍କ ଲାଗି ନିକଟରେ କଂପାନି ତରଫରୁ ମୁଭ୍ ଲ୍ୟାବସ୍ ଦି ଏୟାରପୋର୍ଟ ସମ୍ଭାରକୁ ଉନ୍ମୋଚନ କରାଯାଇଥିଲା ଯାହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି । ବ୍ରହ୍ମପୁରରେ ଖୋଲାଯାଇଥିବା ଷ୍ଟୋର୍‌ରେ ଏହି ସବୁ ସାମଗ୍ରୀ ବିକ୍ରି କରାଯାଉଛି ।ବିଭିନ୍ନ ପ୍ରକାର ଫେସନ ଆବଶ୍ୟକତାକୁ ପୂରଣ କରିବା ଲାଗି ନୂତନ ଭାବେ ଖୋଲାଯାଇଥିବା ଏହି ଷ୍ଟୋର୍‌ରେ ଭାନ୍ ହୁସେନ୍‌ର ସବ୍-ବ୍ରାଣ୍ଡ ଭିଟଟ୍ ଏବଂ ଭିଏଚ୍ ସ୍ପୋର୍ଟ ଆଦିର ସାମଗ୍ରୀ ରହିଛି । ଏହାକୁ ପ୍ରସ୍ତୁତ କରିବାରେ ନୂତନ ପ୍ରଯୁକ୍ତି ଏବଂ ଫ୍ୟାବ୍ରିକ୍ ବ୍ୟବହାର କରାଯାଇଛି । ଭିଟଟ୍‌ର ପୋଷାକଗୁଡ଼ିକୁ ଷ୍ଟାଇଲ୍ ଓ ଡିଜାଇନ୍ ଦୃଷ୍ଟିରୁ ସ୍ୱତନ୍ତ୍ର । ଭିଏଚ୍ ସ୍ପୋର୍ଟ ବର୍ଗର ପୋଷାକକୁ ଷ୍ଟ୍ରେଚେବଲ, ଲିନେନ୍ ଏବଂ ନିଟ୍‌ର ମିଶ୍ରଣରେ ପ୍ରସ୍ତୁତ କରାଯାଇଛି । ଭାନ୍ ହୁସେନ୍ ନିଜକୁ ଏକ ଅଗ୍ରଣୀ ପ୍ରିମିୟମ୍ ଫେସନ୍ ଓ୍ୱାର ବ୍ରାଣ୍ଡ ଭାବେ ଉପସ୍ଥାପିତ କରିପାରିଛି ଏବଂ ଏହାର ଷ୍ଟୋର୍‌ଗୁଡ଼ିକ ଭାରତର ବିଭିନ୍ନ ସହର ଓ ନଗରରେ ଖୋଲାଯାଇଛି ।ଏହା ଯୁବ ପେସାଦାରମାନଙ୍କୁ ପୋଷାକ ପରିଧାନର ଏକ ସୁଦୃଢ଼ ବିକଳ୍ପ ପ୍ରଦାନ କରିଛି ଏବଂ ଗ୍ରାହକଙ୍କ ଦ୍ୱାରା ବେଶ ଗ୍ରହଣୀୟ ହୋଇଛି । ଏହା ଗ୍ରାହକମାନଙ୍କୁ ଉତ୍କୃଷ୍ଟ ପୋଷାକ ଏବଂ ଆନ୍ତର୍ଜାତିକ ମାନର ସପିଙ୍ଗ ଅନୁଭୂତି ପ୍ରଦାନ କରୁଛି ।

# ଫୁଲବାଣୀରେ ଟ୍ୟାକ୍ସି ଷ୍ଟାଣ୍ଡ ଦୁର୍ଗାପୂଜା କମିଟିର ସାଂସ୍କୃତିକ କାର୍ଯ୍ୟକ୍ରମ

ଫୁଲବାଣୀ,(ପିଏନ)- ସହରର ଗୋପବନ୍ଧୁ ଛକ ଠାରେ ଥିବା ଟ୍ୟାକ୍ସି ଷ୍ଟାଣ୍ଡ ଆସୋସିଏସନ ପକ୍ଷରୁ ଶାରଦୀୟ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି । ଏହି ଉପଲକ୍ଷେ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କନ୍ଧମାଳ ପିପୁଲ୍ସ ଫୋରମର ସଭାପତି ରାଧାମୋହନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଖଜୁରିପଡା ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କହଁର, ଆଇନଜୀବୀ ସତ୍ୟ ନାରାୟଣ ବେହେରା, ବିଶିଷ୍ଟ କଣ୍ଠଶିଳ୍ପୀ ଜଳନ୍ଧର ବେହେରା ପ୍ରମୁଖ ଯୋଗ ଦେଇ ଆସୋସିଏସନର ଏପରି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀକୃଷ୍ଣ ଡ୍ୟାନ୍ସ ଏକାଡେମୀର



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଆସୋସିଏସନର ସଭାପତି ଅଶୋକ ମିଶ୍ର ପରିଚାଳନା କରିଥିବା ବେଳେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଦଶହରା ପୂଜା ମେଢ ଦର୍ଶନ କରିବାକୁ ଆସିଥିବା ଦର୍ଶକମାନେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଉପଭୋଗ କରିଥିଲେ ।

# ଭାରତରେ କ୍ରୀଡ଼ାର ଅଭିବୃଦ୍ଧିଶୀଳ ତଥା ଅସୀମିତ ସୁଯୋଗକୁ ବିଶ୍ୱ ଦରବାରରେ ଉପସ୍ଥାପିତ କଲେ ନୀତା ଅମ୍ବାନୀ

ଭୁବନେଶ୍ୱର : ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି)ର ସଦସ୍ୟା ତଥା ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଅଧ୍ୟକ୍ଷା ଭାରତରେ କ୍ରୀଡ଼ାର ଅସୀମିତ ସୁଯୋଗକୁ ଅବଲୋକନ କରିବାକୁ କ୍ରୀଡ଼ା କ୍ଷେତ୍ରରେ ବିଶ୍ୱସ୍ତରୀୟ ନେତୃତ୍ୱଙ୍କୁ ଆହ୍ୱାନ କରିବା ସହ ବିଶ୍ୱର ସର୍ବକନିଷ୍ଠ ଦ୍ରୁତ ଅଭିବୃଦ୍ଧିଶୀଳ କ୍ରୀଡ଼ା ପରିସଂସ୍ଥାରେ ଭାଗିଦାର ହେବାକୁ ଆମନ୍ତ୍ରଣ କରିଛନ୍ତି । ସବୁଠୁ ସମ୍ମାନଜନକ ବିଶ୍ୱ କ୍ରୀଡ଼ା ନେତୃତ୍ୱ ସମ୍ମେଳନ ଲିଡର୍‌ସ ଓ୍ୱିକ୍ ୨୦୧୯ ଲଣ୍ଡନରେ 'ଶହେ କୋଟି ସ୍ୱପ୍ନକୁ ପ୍ରେରଣା: ଭାରତରେ ସୁଯୋଗ' ('Inspiring A Billion Dreams : The India Opportunity') ସମ୍ପର୍କିତ ଦୀକ୍ଷାନ୍ତ ଭାଷଣ ଦେଇ ଶ୍ରୀମତୀ ଅମ୍ବାନୀ କ୍ରୀଡ଼ା ଜଗତରେ ଭାରତ କିପରି ବ୍ୟାପକ ପଦକ୍ଷେପ ନେଇଛି ଏବଂ ଏହାର ୧୦୦ କୋଟିରୁ ଊର୍ଦ୍ଧ୍ୱ ଜନସଂଖ୍ୟାରୁ ୨୫ ବର୍ଷରୁ କମ୍ ବୟସ ମଧ୍ୟରେ ୬୦୦ ନିୟୁତରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଏକ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ କ୍ରୀଡ଼ା ଶକ୍ତି କେନ୍ଦ୍ର ହେବା ଦିଗରେ ଅଗ୍ରସର ହୋଇଛି ତା'ର ଏକ ଝଲକ ଉପସ୍ଥାପନ କରିଥିଲେ ।ଶ୍ରୀମତୀ ଅମ୍ବାନୀ କହିଲେ, "୧.୩ ନିୟୁତ ଜନସଂଖ୍ୟା ବିଶିଷ୍ଟ ଦେଶରେ କ୍ରୀଡ଼ାବିତ୍‌ମାନେ ଅନ୍ତର୍ଜାତୀୟ ସ୍ତରରେ ପ୍ରମୁଖ ପଦକ ବିଜେତାଙ୍କ ମଧ୍ୟରେ ନରହିବାର କୌଣସି କାରଣ ନାହିଁ । ଭାରତ ଆଗାମୀ ଦିନରେ ଅଲିମ୍ପିକ୍ ଏବଂ ଫିଫା ବିଶ୍ୱକପ୍ ଭଳି ପ୍ରମୁଖ ମର୍ଯ୍ୟାଦାପୂର୍ଣ୍ଣ କ୍ରୀଡ଼ା ଆୟୋଜନ କରିବାକୁ ମୋର ଆଶା ଓ ସ୍ୱପ୍ନ ରହିଛି । 'ଭାରତର ମହାନ ସ୍ୱପ୍ନ- ଭାରତରେ ଥିବା ସୁଯୋଗ'ର ଅଂଶବିଶେଷ ହେବାକୁ ମୁଁ ସମସ୍ତଙ୍କୁ ଆମନ୍ତ୍ରଣ କରୁଛି ।"ଭାରତୀୟ କ୍ରୀଡ଼ାରେ ଏକ ଅଗ୍ରଗତିଶୀଳ ଘଟଣା ଅବତାରଣ କରି ଶ୍ରୀମତୀ ଅମ୍ବାନୀ କହିଲେ, "ନୂତନ ଭାରତରେ ସୀମାହୀନ ସୁଯୋଗ ରହିଛି ଏବଂ ଏହା ଫଳରେ ଏବେ ଭାରତରେ କ୍ରୀଡ଼ା କ୍ଷେତ୍ର ସର୍ବାଧିକ ଭଲ ସମୟ ଦେଇ ଗତି କରୁଛି । ଆମେ ଭାରତରେ ଏବେ ଯେଉଁ ସମୟ ଦେଇ ଗତି କରୁଛୁ କ୍ରୀଡ଼ା କ୍ଷେତ୍ରରେ ସେଭଳି ଅଧିକ ସୁଯୋଗ ପ୍ରଦାନକାରୀ, ଉତ୍ସାହ ଦାୟକ ଏବଂ ଗତିଶୀଳ ସମୟ ଆଗରୁ କେବେ ନଥିଲା ।"

ଦେଶରେ ଏକ ସୁସ୍ଥ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେଇଥିବାରୁ ଶ୍ରୀମତୀ ଅମ୍ବାନି ବର୍ତ୍ତମାନର ଭାରତ ସରକାରଙ୍କୁ ପ୍ରଶଂସା କରିଥିଲେ ।

# ନୂତନ ଇଲେକ୍ଟ୍ରିକ୍ ସ୍କୁଟର୍ ଜେଏମ୍‌ଟି ୧୦୦୦ ଏଚ୍‌ଏସ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ଜିତେନ୍ଦ୍ର ନ୍ୟୁ ଇଭି ଟେକ୍ ପକ୍ଷରୁ ଇଲେକ୍ଟ୍ରିକ୍ ସ୍କୁଟର୍ ଜେଏମ୍‌ଟି ୧୦୦୦ ଏଚ୍‌ଏସ୍‌ର ଶୁଭାରମ୍ଭ କରାଯାଇଛି, ଯାହାର ଅନ୍ ରୋଡ଼ ମୂଲ୍ୟ ୭୫,୦୦୦ ଟଙ୍କା ରଖାଯାଇଛି । ଏହି ଗାଡ଼ି ମାତ୍ର ୮ ସେକେଣ୍ଡ ମଧ୍ୟରେ ସେକେଣ୍ଡ ପ୍ରତି ୦-୪୦ କିମି ବେଗରେ ଗତି କରିବା ସହିତ ୨୦୦ କିଗ୍ରା ଓଜନର ଜିନିଷ ବହନ କରିବାର କ୍ଷମତା ରଖୁଛି । ଗାଡ଼ି ଚାଳନା ପାଇଁ ଏଥିରେ ଲିଥିଅମ୍-ଆୟନ୍ ବ୍ୟାଟେରୀ ରହିଛି, ଯାହା ମାତ୍ର ୩ ଘଣ୍ଟାରେ ସମ୍ପୂର୍ଣ୍ଣ ଭାବେ ଚାର୍ଜ ହୋଇ ୯୦ କିମି ରାସ୍ତା ଅତିକ୍ରମ କରିପାରେ ।

ଏହି ଅବସରରେ ଜିତେନ୍ଦ୍ର ନ୍ୟୁ ଇଭି ଟେକ୍ ପ୍ରାଇଭେଟ୍ ଲିମିଟେଡ଼ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ଶ୍ରୀଯୁକ୍ତ ଜିତେନ୍ଦ୍ର ଶାହ କହିଛନ୍ତିଯେ, "ଜେଏମ୍‌ଟି ୧୦୦୦ ଏଚ୍‌ଏସ୍‌ର ପ୍ରକୃତ ମୂଲ୍ୟ ୧,୧୦,୦୦୦ ଟଙ୍କା ରହିଛି, କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିଭିନ୍ନ ଘୋଷଣାନାମା ହେତୁ ଏହାର ମୂଲ୍ୟ ୭୫,୦୦୦କୁ ହ୍ରାସ ପାଇଛି । ଓଡ଼ିଶାରେ ବିଦ୍ୟୁତ୍‌ଚାଳିତ ଗାଡ଼ି ସଂଖ୍ୟା ୩-୪ ବର୍ଷ ମଧ୍ୟରେ ୧.୨ ଲକ୍ଷରେ ପହ ।ଇବାକୁ ଆମର ଆଶା ରହିଛି । କାରଣ ଏହି ଗାଡ଼ିଗୁଡ଼ିକ ପେଟ୍ରୋଲ୍ ଇନ୍ଧନ ଦ୍ୱାରା ପରିଚାଳିତ ଗାଡ଼ିମାନଙ୍କର ପରିଚାଳନା ମୂଲ୍ୟର ମାତ୍ର ୧୫%ରେ ଚାଲୁଛନ୍ତି । ଏହା ବ୍ୟତୀତ ବିଦ୍ୟୁତ୍‌ଚାଳିତ ଯାନ ପରିବେଶକୁ କୌଣସି ହାନି ନପହ ।ଇବା ସହିତ ପ୍ରଦୂଷଣ ମାତ୍ରାକୁ ବହୁତ କମ୍ କରିଥାଆନ୍ତି ।"

# କନ୍ଧମାଳ ଏବିଭିପି ତରଫରୁ ୧୪୨ତମ ଗୋପବନ୍ଧୁ ଜୟନ୍ତୀ ପାଳିତ



ଫୁଲବାଣୀ,(ପିଏନ)-କନ୍ଧମାଳ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ(ଏବିଭିପି) ତରଫରୁ ସ୍ୱର୍ଗତ ଗୋପବନ୍ଧୁ ଦାସଙ୍କ ୧୪୨ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଫୁଲବାଣୀ ଗୋପନ୍ଧୁ ଛକଠାରେ ଥିବା ସ୍ୱର୍ଗତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀ ନିକଟରେ ପହଂଚି ଜିଲା ଏବିଭିପିର କର୍ମକର୍ତା ମାନେ ଏକାଠି ହୋଇ ତାଙ୍କ ପ୍ରତିମୂର୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମ ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ ଜିଲା ପ୍ରମୁଖ ଶିବାଶିସ ପଣ୍ଡାଙ୍କ ନେତୃତ୍ୱରେ ସହ-ପ୍ରମୁଖ ବିଶ୍ୱରଞ୍ଜନ ଦାସ୍ ଏବଂ ସଦସ୍ୟ ରଜତ ମହାପାତ୍ର,କାହ୍ନୁ ଜେନା,ଜନ୍ମେଜୟ,ସୁଦର୍ଶନ ବାରିକ,କବିତା କହଁର,ତଅପୋଇ କହଁର,କୌଟିଲ୍ୟ କହଁରଙ୍କ ସମେତ ଅନେକ କର୍ମକର୍ତା ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱର୍ଗତ ଗୋବନ୍ଧୁଙ୍କ ସମାଜସେବା ଏବଂ ତ୍ୟାଗ ଭାବ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଜିଲା ଭାଜପାର ଆଇନ ପରାମର୍ଶଦାତା ରମେଶନ୍ଦ୍ର ମହାନ୍ତି,ଯୁବମୋର୍ଚ୍ଚାର ସଭାପତି ସୁଧାଂଶୁ ଗୁରୁ ଏବଂ ସଞ୍ଜିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

# ବେଦାନ୍ତ ଲାଞ୍ଜିଗଡ ପକ୍ଷରୁ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ଆୟୋଜିତ

ଲାଞ୍ଜିଗଡ, (ପିଏନ): ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ଉପଲକ୍ଷେ ବେଦାନ୍ତ ଆଲୁମିନିୟମ ଏବଂ ଶକ୍ତି ବ୍ୟବସାୟ, ଲାଞ୍ଜିଗଡ ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ତିନି ଦିନିଆ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ଶିବିର ବେଦାନ୍ତ ହସ୍‌ପିଟାଲ ଠାରେ ଆୟୋଜନ କରାଯାଇଥିଲା । ଏହି ଅଂଚଳର ଲୋକମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବାର ଲକ୍ଷ୍ୟ ନେଇ ବେଦାନ୍ତ ଲିମିଟେଡ ଲାଞ୍ଜିଗଡ, ମହାନଦୀ ନେତ୍ର ଚିକିତ୍ସାଳୟ ସହାୟତାରେ ବରିଷ୍ଠ ନାଗରିକ ଙ୍କ ପାଇଁ ମାସିକ ମୋତିଆ ବିନ୍ଦୁ ଶିବିର ଆୟୋଜନ କରାଇଥାଏ ।ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଅକ୍ଟୋବର ୦୧ ରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଶ୍ରୀ ରାକେଶ ମୋହନ, ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ, ବେଦାନ୍ତ ଲାଞ୍ଜିଗଡ କହିଛନ୍ତି




ଯେ, ଗୋଷ୍ଠୀ ଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ଆମର ଲକ୍ଷ୍ୟ ଅଟେ । ଏହା ଆମର ସୌଭାଗ୍ୟ ଯେ ଗତ ପାଂଚ ବର୍ଷ ଧରି ଏକ ହଜାରରୁ ଅଧିକ ଗୋଷ୍ଠୀ ସଦସ୍ୟ ଙ୍କ ପାଖରେ ଏଭଳି ଶିବିର ମାଧ୍ୟମରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପହଂଚାଇପାରିଛୁ ଏବଂ ପରିଚାଳନା କ୍ଷେତ୍ର ତଥା ଏହାର ଆଖପାଖରେ ଲୋକମାନଙ୍କ ଉନ୍ନତି ହେବା ନେଇ ଆମର ଚେଷ୍ଟା ଜାରି ରହିଛି ।ବେଦାନ୍ତ ହସ୍‌ପିଟାଲରେ ଆୟୋଜିତ ଏହି ସିବିରରେ ୩୦ ଜଣିଆ ସଦସ୍ୟ ନିୟୋଜିତ ଥିଲେ । ତତ୍ ସହିତ ମହାନଦୀ ନେତ୍ର ଚିକିତ୍ସାଳୟରୁ ୮ ଜଣ ସର୍ଜନ ଏବଂ ଚକ୍ଷୁ ବିଶେଷଜ୍ଞ ମୋତିଆ ବିନ୍ଦୁରେ ପୀଡିତ ଥିବା ରୋଗୀ ମାନଙ୍କୁ ଉନ୍ନତ ସେବା ଯୋଗାଇଥିଲେ । ପ୍ରଥମ ବ୍ୟାଚ୍ ରେ ୪୦ରୁ ଅଧିକ ରୋଗୀ ଅସୁରପଡା, ଅମ୍ବାଦୋଳା, ଲାଞ୍ଜିଗଡ, ବନ୍ଧାପରି, ଚଣାଲିମା, ଚନ୍ଦନପୁର, କପାଗୁଡା, କେନ୍ଦୁବାରଡି, ମଗୁଣି, ନିଆଳି ଏବଂ ସିମିଳିଭଟ୍ଟା ଇତ୍ୟାଦି ୨୨ଟି ଗ୍ରାମରୁ ଆସି ସଫଳତାର ସହିତ ଶିବିରରେ ଚିକିତ୍ସିତ ହୋଇଥିଲେ । ଲାଞ୍ଜିଗଡ ତଥା ଆଖପାଖ ଗ୍ରାମରେ ଗୋଷ୍ଠୀ ସମ୍ପ୍ରଦାୟଙ୍କୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ନେଇ ବେଦାନ୍ତ ପ୍ରତିଶୃତିବଦ୍ଧ ।

# ସୋନୀ ପକ୍ଷରୁ ଆକର୍ଷଣୀୟ ପାର୍ବଣ ଅଫର

ଭୁବନେଶ୍ୱର : ସୋନୀ ଇଣ୍ଡିଆ ପକ୍ଷରୁ ଚଳିତ ପାର୍ବଣ ଋତୁ ପାଇଁ ଏହାର ବିଭିନ୍ନ ଅଫର ଗୁଡ଼ିକ ଶୁଭାରମ୍ଭ କରିଛି । ପ୍ରତ୍ୟେକ ବର୍ଗରେ ନୂତନ ଉତ୍ପାଦର ଭିନ୍ନ ଭିନ୍ନ ପ୍ରକାର, ପ୍ରମୁଖ ଉତ୍ପାଦ ମଡେଲ୍ ଉପରେ ଚମତ୍କାର ରିହାତି, ସମସ୍ତ ବର୍ଗରେ ଉତ୍ପାଦଗୁଡ଼ିକୁ ଚୟନ କରି ନିଶ୍ଚିତ ଉପହାର ସହିତ ସୋନଷ ଭାରତରେ ନିଜର ଗ୍ରାହକ ମାନଙ୍କୁ ଦୀପାବଳୀକୁ ଉଜ୍ଜଳମୟ କରିବା ନିମନ୍ତେ ଆଶା ରଖିବା ସହ ବ୍ରାଭିଆ ଟେଲିଭିଜନ୍, ଅଲ୍ଫା କ୍ୟାମେରା ଓ ଲେନ୍ସ, ସାଉଣ୍ଡବାର, ପାର୍ଟି ସ୍ପିକର୍, ହେଡ଼ଫୋନ୍ ଓ ବ୍ଲୁଟୁଥ୍ ସ୍ପିକର୍ ଭଳି ବର୍ଗରେ ନୂତନ ଉତ୍ପାଦ ଗୁଡ଼ିକର ଶୁଭାରମ୍ଭ କରିଛି ।

ସୋନୀ ଇଣ୍ଡିଆ ଏହି ପାର୍ବଣ ଋତୁ ସମୟରେ ସର୍ବାଧିକ ଗ୍ରାହକ ସନ୍ତୋଷତା ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ସମସ୍ତ ବର୍ଗରେ ନୂତନ ଉତ୍ପାଦ ଓ ପ୍ରାଇସ୍ ପଏଣ୍ଟର ଏକ ସମ୍ଭାରର ଘୋଷଣା କରିଛି । ବ୍ରାଭିଆ ଟେଲିଭିଜନ୍, ଆଲ୍ଫା କ୍ୟାମେରା ଓ ଲେନ୍ସ, ସାଉଣ୍ଡବାର, ପାର୍ଟି ସ୍ପିକର, ହେଡ଼ଫୋନ୍ ବ୍ଲୁଟୁଥ୍ ସ୍ପିକର୍ ଭଳି ବର୍ଗରେ ଅତି ନିକଟରେ ନୂତନ ଉତ୍ପାଦଗୁଡ଼ିକର ଶୁଭାରମ୍ଭ କରିଛି । କିଛି ନୂତନ ଉତ୍ପାଦ ଅଫରିଂ ମଧ୍ୟରେ ରହିଛି, ଟେଲିଭିଜନ୍ ସେଗମେଣ୍ଟରେ ବ୍ରାଭିଆ ଓଏଲ୍‌ଇଡି ମାଷ୍ଟର୍ ସିରିଜ୍ ଏ୯ଜି ଓ ବ୍ରାଭିଆ ଓ ଏଲ୍‌ଇଡି ୪କେ ଟିଭି ଏ୮ଜି ସିରିଜ୍, ପ୍ରିମିୟମ୍ ୪କେ ଏଚ୍‌ଡିଆର୍ ଏଲ୍‌ଇଡି ଟିଭି ଏକ୍ସ୯୫୦୦ଜି ଏବଂ ୪କେଏଚ୍‌ଡିଆର୍ ଟ୍ରିଲୁମିନସ୍‌ନ ଏଲ୍‌ଇଡି ଟିଭି ଏକ୍ସ୮୦୦୦ଜି ଓ ଏକ୍ସ୭୦୦୨ଜି ।

# ଭାରତର ବୃହତ ମିଡ୍ ମାର୍କେଟ ବୁଟିକ୍ ହୋଟେଲ୍ ବ୍ରାଣ୍ଡ 'ଅୟୋ ଟାଉନ୍‌ହାଉସ୍'ଏବେ ଭୁବନେଶ୍ୱର ଠାରେ ଉପଲବ୍ଧ

ଭୁବନେଶ୍ୱର : ଅୟୋ ହୋଟେଲ୍ସ ଏବଂ ହୋମ୍ସ, ଭାରତର ବୃହତ ଓ ବିଶ୍ୱର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଏହି ସଂସ୍ଥା ଆଜି ଭୁବନେଶ୍ୱର ଠାରେ ନିଜର ବ୍ରାଣ୍ଡ ଟାଉନ୍‌ହାଉସ୍ ଉପସ୍ଥାପନ କରିଛି । ଅୟୋ ଟାଉନ୍‌ହାଉସ୍ ଅଟେ ଏକ ବନ୍ଧୁତପୂର୍ଣ୍ଣ ପଡୋଶି ହୋଟେଲ୍ ଯାହା ଗ୍ରାହକଙ୍କୁ ହୋଟେଲ୍, ଘର, ମର୍ଚାନଡାଇଜ୍ ଷ୍ଟୋର ଓ କ୍ୟାଫେ ଏବଂ ବହୁ ଯାତ୍ରୀଙ୍କ ନିମନ୍ତେ ଏକ ବ୍ୟୟସାପକ୍ଷ ନିବାସ ପ୍ରଦାନ କରିଥାଏ । ଭୁବନେଶ୍ୱରର ପ୍ରଥମ ଟାଉନ୍‌ହାଉସ୍ ୫୮୭/୧୧୮୬, ଜୟଦେବ ବିହାର ରୋଡ଼, ବ୍ଲକ୍ ଏନ୍୫, ଆଇଆର୍‌ସି ଭିଲେଜ୍, ଜୟଦେବ ବିହାର ଭୁବନେଶ୍ୱରରେ ୨୩ଟି କୋଠରିରେ ସ୍ଥିପିତ ଅଛି । ବର୍ତ୍ତମାନ ସମୟରେ ଅୟୋ ଟାଉନ୍‌ହାଉସ୍ ଭାରତ, ୟୁକେ ଓ ୟୁଏସ୍‌ରେ ରହିଛି ।

ଏହି ଅବସରରେ ଅୟୋ ହୋଟେଲ୍ସ ଏବଂ ହୋମ୍ସର, ମୁଖ୍ୟ ଅପେରେଟିଙ୍ଗ୍ ଅଫିସର, ଅପରେଟଡ୍ ବିଜ୍‌ନେସ୍, ଶ୍ରୀଯୁକ୍ତ ଅକିତ୍ ଟନ୍‌ଡନ୍ କହିଛନ୍ତି ଯେ, "ଭୁବନେଶ୍ୱରର ଗ୍ରାହକ ମାନଙ୍କୁ ଅୟୋ ଟାଉନ୍‌ହାଉସ୍‌ର ଏକ ନୂତନ ଅନୁଭୂତି ପ୍ରଦାନ କରିଥିବା ଆମେ ବହୁତ ଖୁସି ଅନୁଭବ କରୁଛୁ । ଏହା ଗ୍ରାହକ ମାନଙ୍କର ଏକ ପ୍ରିୟ ବ୍ରାଣ୍ଡ ହେବା ସହ କ୍ରମାଗତ ଭାବେ ୮୨% ରେଟିଙ୍ଗ୍ ପାଇଥାଏ ଯାହା ସଦାବେଳେ ୪ ତାରକା(୫ ତାରକା ମଧ୍ୟରୁ) ଉପରେ ରହିଥାଏ । ଭୁବନେଶ୍ୱର ଏକ ବାଣିଜ୍ୟ ଓ ବେପାର, ପର୍ଯ୍ୟଟକ, ସଂସ୍କୃତିର ସହର ହୋଇଥିବାରୁ ବହୁ ଲୋକ ଏଠାକୁ ଆସିଥାନ୍ତି । ଅୟୋ ଟାଉନ୍‌ହାଉସ୍ ଗ୍ରାହକଙ୍କୁ ଆନନ୍ଦ, ସୁବିଧା, ସମକାଳିକ ସେଟ ଅପ୍ ଏବଂ ପଇସାର ସଠିକ୍ ମୂଲ୍ୟ ପ୍ରଦାନ କରିଥାଏ । ଆମେ ଶ୍ରୀଯୁକ୍ତ ରଶ୍ମିକାନ୍ତ ପଟ୍ଟନାୟକଙ୍କ ଭାଗୀଦାରୀ କରିଥିବାରୁ ବହୁତ ଖୁସି ଅନୁଭବ କରୁଛୁ ଯିଏକି ନିଜ ହୋଟେଲ୍‌କୁ ଟାଉନ୍‌ହାଉସ୍‌ରେ ବଦଳାଇଛନ୍ତି ।"

ଏହି ଅବସରରେ ପ୍ରଥମ ଟାଉନ୍‌ହାଉସ୍‌ର ଆସେଟ୍ ମାଲିକ ଶ୍ରୀଯୁକ୍ତ ରଶ୍ମିକାନ୍ତ ପଟ୍ଟନାୟକ କହିଛନ୍ତି ଯେ, "ମୁଁ ବିଶ୍ୱରେ ଉତ୍ତମ ସେବା ପ୍ରଦାନ କରି ବ୍ରାଣ୍ଡ ଅୟୋ ହୋଟେଲ୍ସ ଏବଂ ହୋମ୍ସ ସହିତ ଜଡ଼ିତ ହୋଇଥିବାରୁ ଏହା ମୋ ପାଇଁ ଏକ ଗୌରବ ପୂର୍ଣ୍ଣ କ୍ଷଣ ଅଟେ । ଏହି ଅୟୋ ଦଳ ମୋର ଏହି ଅଳ୍ପ ବିକାଶିତ ସଂସ୍ଥାକୁ ଏକ ସୁନ୍ଦର ଏବଂ ସୁସଜ୍ଜିତ ସମ୍ପତିରେ ବଦଳାଇ ଥିବାରୁ ମୁଁ ବହୁତ ଖୁସି । ଏହାର ସମସ୍ତ ପରିବର୍ତ୍ତନ ବହୁତ ସୁନ୍ଦର ଏକ ସୁସଜ୍ଜିତ ଯାହା ମୁଁ ମୋ ପରିବାର ଏବଂ ସାଙ୍ଗସାଥିଙ୍କୁ ଦେଖାଇବା ପାଇଁ ଉତ୍ସାହିତ ।"

# ହିମାଳୟ ପକ୍ଷରୁ ନୂତନ ନ୍ୟାଚୁରାଲ୍ ସାଇନ୍ ହେନାର ଶୁଭାରମ୍ଭ

ଭୁବନେଶ୍ୱର: ପ୍ରାକୃତିକ ଉପାୟରେ ଗ୍ରାହକଙ୍କ କେଶକୁ କଲର୍ ଓ କଣ୍ଡିସନ୍ କରିବା ପାଇଁ ହିମାଳୟ ନ୍ୟାଚୁରାଲ୍ ସାଇନ୍ ହେନାର ଉଦ୍ଭାବନ କରିଛି । ୯ଟି ସ୍ୱତନ୍ତ୍ର ଚେରମୂଳୀର ମିଶ୍ରଣ ଓ ଶୁଦ୍ଧ ଗୁଣବଞ୍ଚା ବିଶିଷ୍ଟ ରାଜସ୍ଥାନୀ ହେନା, ନ୍ୟାଚୁରାଲ୍ ସାଇନ୍ ହେନା ଗ୍ରାହକଙ୍କ କେଶକୁ ଅପୂର୍ବ ମୂଳାୟମ ଓ ଉଜ୍ଜଳତା ପ୍ରଦାନ କରିଥାଏ । ମୁଣ୍ଡ ଓ କେଶରେ ଆମର ହେନା ଥିବାବେଳେ, ଏହା ଦୀର୍ଘକାଳୀନ କଲର୍ ପ୍ରଦାନ କରିଥାଏ । ଏହା କେଶ ଧୂସର ହେବାକୁ ପରିଚାଳନା କରିବା ସହିତ ଏହାକୁ ସୁସ୍ଥ ରଖିଥାଏ । ନ୍ୟାଚୁରାଲ୍ ସାଇନ୍ ହେନାର ୨୫ ଗ୍ରାମ୍‌ର ମୂଲ୍ୟ ୧୫ ଟଙ୍କା ରହିଥିବାବେଳେ ୫୦ ଗ୍ରାମ୍‌ର ମୂଲ୍ୟ ୩୫ ଟଙ୍କା ଏବଂ ୧୨୦ ଗ୍ରାମ୍‌ର ମୂଲ୍ୟ ୭୫ ଟଙ୍କା ରହିଛି । ଏହା ପ୍ରମୁଖ ରିଟେଲ୍, ଆଧୁନିକ ଟ୍ରେଡ଼ ଓ ଇ-କମର୍ସ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି ।

ପ୍ରାକୃତିକ ଜଡ଼ିବୁଟି ରହିଥିବା ନ୍ୟାଚୁରାଲ୍ ସାଇନ୍ ହେନାରେ ଅଧିକ ମାତ୍ରାରେ ଭୃଙ୍ଗରାଜ ରହିଛି, ଯାହା କେଶର ବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ । ଅଁଳା ଓ ଭୃଶଙ୍ଗ ପତ୍ର କେଶକୁ କଳା କରିବା ସହ ଅପରିପକ୍ୱ ଧୂସରତାକୁ ବିରୋଧ କରିଥାଏ । ନ୍ୟାଚୁରାଲ୍ ସାଇନ୍ ହେନା ପିପିଡି, ଆମୋନିଆ ଓ ଅନ୍ୟାନ୍ୟ କ୍ଷତିକାରକ ରସାୟନ ଦ୍ରବ୍ୟ ମୁକ୍ତ ଅଟେ, ଯାହା ବ୍ୟବହାରକରୀଙ୍କ କେଶକୁ କୋମଳ, ଉଜ୍ଜଳ ଓ ସୁସ୍ଥ ରଖିଥାଏ । ଏହି ପରିପ୍ରେକ୍ଷୀରେ ଦି ହିମାଳୟ ଡ୍ରଗ୍ କମ୍ପାନୀ ପକ୍ଷରୁ ଏହାର ବ୍ରାଣ୍ଡ ପରିଚାଳକ – କେଶ ଯତ୍ନ, ଉପଭୋକ୍ତା ଉତ୍ପାଦ ବିଭାଗ, ପୂଜା ବେଦି କହିଛନ୍ତିଯେ, "ଭାରତରେ କେଶ ଯତ୍ନ ବିଭାଗ ଦୃତ ବେଗରେ ବଢ଼ିଚାଲିଛି ଏବଂ ଗ୍ରାହକମାନେ ସେମାନଙ୍କ ଅପରିପକ୍ୱ କେଶ ଧୂସରତାକୁ ରୋକିବା ପାଇଁ ଅଧିକ ପ୍ରାକୃତିକ ସାମାଧାନ ଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ କରୁଛନ୍ତି । ହେନା ସେମାନଙ୍କ ପାଇଁ ଏକ ଅତ୍ୟନ୍ତ ଗ୍ରହଣଯୋଗ୍ୟ ବିକଳ୍ପ ଅଟେ । ଆମର ବଜାର ସର୍ବେକ୍ଷଣ ଦର୍ଶାଉଛିଯେ, ଗ୍ରାହକମାନେ ବ୍ୟବହାର କରୁଥିବା ହେନାର ଗୁଣବଞ୍ଚା ଓ କାର୍ଯ୍ୟଦକ୍ଷତାକୁ ନେଇ ସବୁବେଳେ ଅସନ୍ତୁଷ୍ଟ ଥାଆନ୍ତି । ଆମେ ଗ୍ରାହକମାନଙ୍କୁ ଏପରି ଏକ ହେନା ପ୍ରଦାନ କରିବାକୁ ଚାହୁଁଛୁ, ଯେଉଁଥିରେ ହିମାଳୟର ବିଶ୍ୱାସ ଏବଂ ଏକ ଉତ୍କୃଷ୍ଟ ମାନର ଚେରମୂଳୀର ଗୁଣ ରହିଛି । ତେଣୁ ଆମେ ଗ୍ରାହକମାନଙ୍କୁ ସେମାନଙ୍କ କେଶକୁ ସୁରକ୍ଷିତ ରଖିବା ଓ ପ୍ରାକୃତିକ ଉପାୟରେ କଲର୍ କରିବା ପାଇଁ ନ୍ୟାଚୁରାଲ୍ ସାଇନ୍ ହେନାର ଶୁଭାରମ୍ଭ କରିଛୁ ।"

# ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ଯୋଡା,୧୧/୧୦(ପିଏନ୍):ଯୋଡା ବ୍ଲକ ଅନ୍ତର୍ଗତ କଣ୍ଡରା ଗ୍ରାମପଂଚାୟତ ରାମଚନ୍ଦ୍ରପୁର ଠାରେଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ମୁରୁସୁଆଁ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟାନନ୍ଦ ବୈଦ୍ୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଭାକାର୍ଯ୍ୟ ପ୍ରାରମ୍ଭରେ ଆଜି ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବାପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିରେ ଯୋଡାବ୍ଲକ ଏ.ବି.ଓ କାର୍ତିକ ବେହେରା ଯୋଗଦେଇଥିଲେ । ଏହି ସଭାକାର୍ଯ୍ୟକୁ ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ବେହେରା ଅଧ୍ୟକ୍ଷତା କରିଥିଲେ । ଶିକ୍ଷକ ଶ୍ରୀବୈଦ୍ୟଙ୍କ ଚାକିରୀକାଳ ଜୀବନୀ ସମ୍ପର୍କରେ ଉପସ୍ଥିତ ଶିକ୍ଷକ ମାନେ ମତପ୍ରକାଶ କରିଥିଲେ । ଏହି ସଭାକାର୍ଯ୍ୟରେ ଚମକପୁର ସିଆରସି ଶିବ ନାରାୟଣ ରାଉତ, ଶିକ୍ଷକ ଡମ୍ବରୁଧର କୁଦାଦାଃ, ଘନଶ୍ୟାମ ମହାନ୍ତ ଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ରହିଥିଲେ ।

# "ସ୍ୱଚ୍ଛରୁ ସୁସ୍ଥ", ଆରବିର ଫ୍ଲାଗସିପ୍ ବିଏସ୍‌ଆଇ ଲୋକମାନଙ୍କୁ ଉତମ ସ୍ୱାସ୍ଥ୍ୟ ଦିଗରେ ସଶକ୍ତ କରିବ

ଭୁବନେଶ୍ୱର : ରେକିଟ୍ ବେନ୍‌କାଇଜର, ବିଶ୍ୱର ଅଗ୍ରଣୀ ସ୍ୱାସ୍ଥ୍ୟ ଓ ହାଇଜିନ୍ କମ୍ପାନୀ ଏହାର ଫ୍ଲାଗ୍‌ସିପ୍ ବିଏସ୍‌ଆଇ ଅଭିଯାନ ଜରିଆରେ ସ୍ୱଚ୍ଛତାର ବାର୍ତା "ସ୍ୱଚ୍ଛରୁ ସୁସ୍ଥ" କୁ ପ୍ରସାର କରୁଛି । ଏହି ଅଭିଯାନକୁ ସମର୍ଥନ କରିଛନ୍ତି ଅମିତାଭ୍ ବଚ୍ଚନ, ଚଳିତ ବର୍ଷ ମା ଓ ଶିଶୁମାନଙ୍କର ସୁସ୍ଥତା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉଛି । ଯଦି ପରିମଳ ଓ ପୋଷକକୁ ସଠିକ ଭାବରେ ସୁନିଶ୍ଚିତ କରାଯାଇପାରିବ ତେବେ ସମାଜର ଭବିଷ୍ୟତର ସ୍ୱାସ୍ଥ୍ୟକୁ ସୁରକ୍ଷିତ କରାଯାଇପାରିବ ।

ଏହାକୁ ଏକନିଷ୍ଠ ପ୍ରଚେଷ୍ଟା ବଳରେ ହାସଲ କରାଯାଇପାରିବ ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ପୋଷକ – ଉଭୟ ମା ଓ ନବଜାତ ଶିଶୁଙ୍କୁ ସନ୍ତୁଳିତ ଖାଦ୍ୟ ପ୍ରଦାନ, ସ୍ତନ୍ୟପାନ - ସମସ୍ତେ ସ୍ତନ୍ୟପାନର ଗୁରୁତ୍ୱ ବିଷୟରେ ଜାଣିବା, ହାତକୁ ଧୋଇବା – ନିୟମିତ ହାତ ଧୋଇବା ଅଭ୍ୟାସ ସୃଷ୍ଟି କରିବା ଓ ପରିମଳ – ବିଶେଷ କରି ପିଲାମାନଙ୍କ ମଧ୍ୟରେ ଡାଇରିଆର ସମ୍ଭାବନାକୁ କମ୍ କରିବା । ଏହି ଅଭିଯାନ ଜରିଆରେ ଏହି ଦିଗ ଗୁଡ଼ିକ ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ଯଦ୍ୱାରା ମା ଓ ଶିଶୁଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ ।

ଏହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରି ଲକ୍ଷ୍ମଣ ନରସିଂହା, ସିଇଓ, ଆରବି କହିଛନ୍ତି ଯେ, "ଗତ ପାଂଚ ବର୍ଷ ମଧ୍ୟରେ ବିଏସ୍‌ଆଇ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରଭାବକୁ ଦେଖି ମୁଁ ବହୁତ ଆନନ୍ଦିତ । ବ୍ୟବହାରଗତ ପିରବର୍ତନ ସହିତ ଉତମ ସ୍ୱାସ୍ଥ୍ୟ ଓ ପରିମଳ ଦିଗରେ ଲୋକମାନଙ୍କୁ ସଚେତନ କରାଇବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟ । ଆମେ ୮ ଟି ରାଜ୍ୟରେ ୧୩ ନିୟୁତ ପିଲାମାନଙ୍କ ନିକଟରେ ପହଂଚି ସାରିଛୁ ଓ ଏକ ସୁସ୍ଥ ଭାରତ ଗଠନ ଦିଗରେ ସକାରାତ୍ମକ ପରିବର୍ତନ ଆଣୁଛୁ । ଆମେ ବର୍ତମାନ ମା ଓ ନବଜାତ ଶିଶୁଙ୍କ ପ୍ରତି ଧ୍ୟାନ ପ୍ରଦାନ କରୁଛୁ ଯିଏକି ଦେଶର ଭବିଷ୍ୟତର ପୀଢ଼ି ଅଟନ୍ତି । ଉପଯୁକ୍ତ ପୋଷଣ ପ୍ରଦାନ ଦ୍ୱାରା ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ।"

ବ୍ୟବହାରଗତ ପରିବର୍ତନର ଅଂଶସ୍ୱରୂପ ବନେଗା ସ୍ୱଚ୍ଛ ଇଣ୍ଡିଆ ଅଭିଯାନ ସ୍ୱରୂପ ପିଲାମାନଙ୍କ ଠାରେ ଡାଇରିଆକୁ ହ୍ରାସ କରାଯିବା ସହିତ ଉତର ପ୍ରଦେଶର ୧୫ ନିୟୁତ ଲୋକଙ୍କର ଜୀବନରେ ପରିବର୍ତନ ଅଣାଯାଇପାରିଛି । ଆମେ ମଧ୍ୟ ଗୁଜୁରାଟ୍ ଓ ମହାରାଷ୍ଟ୍ରରେ ପୋଷକ ସ୍ଥିତିରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛୁ ଯଦ୍ୱାରାକି କୁପୋଷଣ ହାରକୁ ୪୦% କମ୍ କରାଯାଇପାରିଛି ଓ ନଷ୍ଟକୁ ୫% ରୁ କମ୍ କରାଯାଇପାରିଛି । କୈଶୋର ସେକ୍ସୁଆଲ୍ ରିପ୍ରଡକ୍‌ଟିଭ ହେଲ୍‌ଥ (ଏଏସ୍‌ଆରଏଚ୍) କୁ ୭ ଟି ଉତର ପୂର୍ବାଂଚଳ ରାଜ୍ୟରେ ଧ୍ୟାନ ପ୍ରଦାନ କରାଯାଉଛି ।

ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK




Bhubaneswar Saturday October 12 | ଭୁବନେଶ୍ୱର ଶନିବାର, ଅକ୍ଟୋବର ୧୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଫ୍ଲିପକାର୍ଟ, 'ବିଗ ବିଲିୟନ ଡେ' ଅବସରରେ ବଡ଼ ଉପକରଣ ଗୁଡିକର ଚାହିଦାକୁ ପୂରଣ କରିବା ପାଇଁ ନିଜ ଯୋଗାଣ ଶୃଙ୍ଖଳରେ ସଂପ୍ରସାରଣ କରିଛି

ବେଙ୍ଗାଲୁରୁ: ଭାରତର ଅଗ୍ରଣୀ ଇ କମର୍ସ ମାର୍କେଟ ପ୍ଲେସ ଫ୍ଲିପକାର୍ଟ ପକ୍ଷରୁ ବିଗ ବିଲିୟନ ଡେ ଅବସରରେ ବଡ଼ ଉପକରଣ ଗୁଡ଼ିକର ଚାହିଦା ପୂରଣ କରିବା ସହ ବିଗତ ବର୍ଷ ତୁଳନାରେ ପିନକୋଡ ବ୍ୟାପକତାରେ ୮୦ ପ୍ରତିଶତ ବୃଦ୍ଧିର ଘୋଷଣା କରାଯାଇଛି । ଏହି ସମ୍ପ୍ରସାରଣ ସହିତ ଫ୍ଲିପକାର୍ଟ ବର୍ତ୍ତମାନ ସେବା ପ୍ରଦାନ କରୁଥିବା ସମସ୍ତ ପିନକୋଡ ଗୁଡ଼ିକରେ ବଡ଼ ଉପକରଣ ଗୁଡ଼ିକର ଡେଲିଭରି କରିବାରେ ସକ୍ଷମ ହେବା ସହ ଶେଷରେ ବୃଦ୍ଧି ପାଉଥିବା ବଡ଼ ଉପକରଣ ଗୁଡ଼ିକର ଚାହିଦାକୁ ପୂରଣ କରିବାରେ ସକ୍ଷମ ହେବ । ଏହା ସହ ଫ୍ଲିପକାର୍ଟ ସ୍ୱତନ୍ତ୍ର ଭାବରେ ନିଜର ଟିୟର ୨ ସହର ଏବଂ ତା'ଠାରୁ ଆଗକୁ ନିଜ ପହଞ୍ଚ ବଢାଇବାରେ ସକ୍ଷମ ହୋଇ ପାରିଛି । ବଡ଼ ଉପକରଣ ଗୁଡ଼ିକ ପାଇଁ ବେଙ୍ଗାଲୁରୁରେ ପ୍ରାୟତଃ ୩.୫ ଲକ୍ଷ ବର୍ଗ ଫୁଟ ପରିବ୍ୟାପ୍ତ ଫ୍ଲିପକାର୍ଟ କେନ୍ଦ୍ର ସହ କମ୍ପାନୀ ୨୦୧୮ ତୁଳନାରେ ନିଜ ଡେଲିଭରୀ କ୍ଷମତାରେ ୧୪ ଗୁଣ ବୃଦ୍ଧି କରିଛି । ବଡ ଜିନିଷ କିଣିବା ସହ ଜଡ଼ିତ ଆଶଙ୍କାକୁ ଦୂର କରିବା ପାଇଁ ଫ୍ଲିପକାର୍ଟ ପ୍ରାୟ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏକ ଖୋଲା 'ବକ୍ସ ଡେଲିଭରି ବିକଳ୍ପ' ପ୍ରଦାନ କରୁଛି, ଯାହାକି ଉପଭୋକ୍ତାଙ୍କୁ କ୍ଷତି ରହିତ ଉତ୍ପାଦ ପାଇବାକୁ ସୁନିଶ୍ଚିତ କରିବ । ଯେତେବେଳେ ବି ଫ୍ଲିପକାର୍ଟରେ କୌଣସି ବଡ ଉପକରଣ କ୍ରୟ କରାଯାଏ ସେତେବେଳେ ଏହାର ଡେଲିଭରି ଶେଷ ପ୍ରକ୍ରିୟା ହୋଇନଥାଏ । ଫ୍ଲିପକାର୍ଟର ସବୁଠାରୁ ଦ୍ରୁତ 'ଇନଷ୍ଟଲେସନ ପ୍ରମିସ' ଭାରତର ଶ୍ରେଷ୍ଠ ୫୦ଟି ସହରମାନଙ୍କରେ ଡେଲଭରି ଦିନ ଠାରୁ ୪୮ ଘଣ୍ଟା ମଧ୍ୟରେ ନିଶ୍ଚିତ ଇନଷ୍ଟଲେସନ ଗାରେଣ୍ଟି ସହ ଆସୁଛି । ଏହି ସଂପ୍ରସାରଣ ସମ୍ପର୍କରେ ଫ୍ଲିପକାର୍ଟର ବରିଷ୍ଠ ଉପାଧକ୍ଷ ଶ୍ରୀ ଅଜୟ ଯାଦବ କହିଛନ୍ତି ଯେ, 'ଫ୍ଲିପକାର୍ଟରେ ଆମେ ବୁଝି ପାରୁଛୁ ଯେ ଲୋକମାନେ ଶୁଭ ଅବସର ଗୁଡ଼ିକ ପାଇଁ ଏକ ବଡ଼ ଧରଣର କିଣାକିଣା ପାଇଁ ଯୋଜନା କରିଥାନ୍ତି । ଏହି ପାର୍ବଣ ଅବସରରେ ପୂରା ଦେଶର ସମସ୍ତ ସେବା ପ୍ରଦାନ କରାଯାଇଥିବା ପିନକୋଡ ଗୁଡ଼ିକ ଅନ୍ତର୍ଭୁକ୍ତ କରିଛୁ । ଆମେ ଆନନ୍ଦିତ ଯେ ଏହି ବର୍ଷ ମେଟ୍ରୋରୁ ଟିୟାର-୨ ସହର ପର୍ଯ୍ୟନ୍ତ ଏବଂ ଏହାର ଆଗକୁ ଯେଉଁମାନେ ପୂର୍ବରୁ ଏକ ବୃହତ କ୍ରମର ଉପକରଣ କ୍ରୟ କରିପାରୁନଥିଲେ ବର୍ତ୍ତମାନ ସେମାନେ ଆମର ସବୁ ପ୍ରକାରର ଉତ୍ପାଦକୁ କ୍ରୟ କରିବାରେ ସମର୍ଥ ହୋଇ ପାରିବେ । ସୀମାହୀନ ଡେଲିଭରୀ ଏବଂ ଇନଷ୍ଟଲେସନ ସମେତ ସହଜ ପେମେଣ୍ଟ ବ୍ୟବସ୍ଥା ସହିତ ଆମର ସଂପ୍ରସାରିତ ପହଞ୍ଚ ମିଳିତ ଭାବେ ଆମର ବିକାଶକୁ ପରିଚାଳିତ କରୁଛି ଏବଂ ଏହି 'ବିଗ ବିଲିୟନ ଡେ'ରେ ଆମର ଗ୍ରାହକ ମାନଙ୍କ ପାଇଁ ଆମେ ଶ୍ରେଷ୍ଠ ଅଫର ନେଇ ଆସିବାର ଲକ୍ଷ୍ୟରେ ରହିଛୁ ।' ଏହି ସଂପ୍ରସାରଣ ହେଉଛି ଦେଶର ସମସ୍ତ ଅଂଶରେ ସୀମାହୀନ କ୍ରୟ ଏବଂ ଡେଲିଭରୀ ଅନୁଭୂତି ପହଞ୍ଚାଇ ଭାରତ ଏବଂ ଇଣ୍ଡିଆକୁ ସଂଯୋଗ କରିବା ଦିଗରେ ଫ୍ଲିପକାର୍ଟର ପ୍ରାରମ୍ଭିକ ପଦକ୍ଷେପର ଏକ ପ୍ରତିଫଳନ । ଏହି 'ବିଗ ବିଲିୟନ ଡେ'ରେ ଛୋଟ ସହରର ଉପଭୋକ୍ତା ମାନେ ସ୍ମାର୍ଟ ଟିଭି, ୱାଶିଂ ମେସିନ ଏବଂ ରେଫ୍ରିଜେରେଟର ଭଳି ବୃହତ ଧରଣର ଉପକରଣ ଗୁଡ଼ିକୁ ସହଜରେ ଉପଲବ୍ଧ କରିପାରିବେ, ଯାହାକି ଚାହିଦା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଲ ପ୍ରଦାନକୁ ଦର୍ଶାଉଛି । ବିଗତ କିଛି ବର୍ଷ ଭିତରେ ଯେତେବେଳେ ଅଷ୍ଟ୍ରେଡ ସ୍ମାର୍ଟଟିଭି ଚାହିଦାରେ ମିଟରରେ ତିନି ଗୁଣ ବୃଦ୍ଧି ହୋଇଥିବାବେଳେ, ଛୋଟ ସହର ଗୁଡ଼ିକରେ ପାଞ୍ଚ ଗୁଣର ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଛି ।

## ଆକ୍‌ଜୋନୋବେଲ୍ ପକ୍ଷରୁ ଡ୍ୟୁଲକ୍ସ ଆମ୍ବିଆନ୍ସ ଭେଲ୍‌ଭେଟ୍ ଟଚ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ବିଶ୍ୱସ୍ତରରେ ଏକ ଅଗ୍ରଣୀ ପେଣ୍ଟସ ଓ କୋଟିଂ କମ୍ପାନୀ ଏବଂ ଭାରତରେ ଡ୍ୟୁଲକ୍ସ ପେଣ୍ଟସର ନିର୍ମାତା, ଆକ୍‌ଜୋନୋବେଲ୍ ପକ୍ଷରୁ ଡ୍ୟୁଲକ୍ସ ଆମ୍ବିଆନ୍ସ ଭେଲ୍‌ଭେଟ୍ ଟଚ୍‌ର ଶୁଭାରମ୍ଭ କରାଯାଇଛି । ଏହା ଏକ ସ୍ୱତନ୍ତ୍ର ରେଞ୍ଜ ଅତି ଆକର୍ଷଣୀୟ ଇଣ୍ଟେରିଅର୍ ଓ ସ୍ୱତନ୍ତ୍ର ପ୍ରଭାବଯୁକ୍ତ ପେଣ୍ଟସ ଅଟେ, ଯାହା କାରିଗରମାନଙ୍କ ଦ୍ୱାରା ଅନୁପ୍ରାଣିତ । ଡ୍ୟୁଲକ୍ସ ଛଅଟି ସ୍ୱତନ୍ତ୍ର ପ୍ରଭାବଯୁକ୍ତ ପେଣ୍ଟର ଶୁଭାରମ୍ଭ କରିଛି, ଯେପରିକି ଡ୍ୟୁଲକ୍ସ ଆମ୍ବିଆନ୍ସ ମାର୍ବଲ୍, ମେଟାଲିକ୍, ଲିନେନ୍, ସିଲ୍କ, କଲର୍ ମୋସନ୍ ଓ ଡିଜର୍ଟ । ଏହି ସ୍ୱତନ୍ତ୍ର ପ୍ରଭାବଯୁକ୍ତ ପେଣ୍ଟଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ନୂତନ ଡିଜାଇନ୍ ଓ ପାଟର୍ଣ୍ଣ ସୃଷ୍ଟି କରିଛି ଏବଂ ଏଗୁଡ଼ିକ କାରିଗରମାନଙ୍କ ଦ୍ୱାରା ଅନୁପ୍ରାଣିତ । ପଟରଙ୍କ ସମ୍ଭାର - କାଦୁଅ ଦ୍ୱାରା ଅନୁପ୍ରାଣିତ, ଷ୍ଟୋନ୍‌ମେସନଙ୍କ ସମ୍ଭାର - ପଥର ଦ୍ୱାରା ଅନୁପ୍ରାଣିତ, ଜୁଏଲର୍ ସମ୍ଭାର - ଅଳଙ୍କାର ଦ୍ୱାରା ଅନୁପ୍ରାଣିତ, କାର୍‌ପେଣ୍ଟର ସମ୍ଭାର କାଠ ଦ୍ୱାରା ଅନୁପ୍ରାଣିତ ଓ ବ୍ଲାକ୍‌ସ୍ମିଥ୍ ସମ୍ଭାର - ଧାତୁ ଦ୍ୱାରା ଅନୁପ୍ରାଣିତ ।

## ଜୟପ୍ରକାଶ ନାରାୟଣଙ୍କ ୧୧୭ତମ ଜନ୍ମ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି : ସମାଜବାଦୀ ପାର୍ଟି



ଭୁବନେଶ୍ୱର: ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ୧୧୭ତମ ଜନ୍ମ ଜୟନ୍ତୀରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । 'ପାର୍ଟି'ର ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ମାଷ୍ଟର କ୍ୟାଣ୍ଟିନସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଆଜି ସକାଳୁ ମାଲ୍ୟାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ବରିଷ୍ଠ ନେତା ବିଜୟ ବେହେରା, ସଞ୍ଜୟ ନାୟକ, ଯୁବନେତା ସୁବ୍ରତ ଲେଙ୍କା ଓ ନାରୀନେତ୍ରୀ ରୀତା ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରି ଲୋକନାୟକଙ୍କ ସ୍ମୃତିଚାରଣ କରିଥିଲେ ।

## ପୃଥିବୀର ବିଭିନ୍ନ ସୁନ୍ଦର ପାର୍କର ଆନନ୍ଦ ନିଅନ୍ତୁ

ଭୁବନେଶ୍ୱର : ପ୍ରକୃତି ସୁନ୍ଦରତା ମନରେ ସକାରାତ୍ମକ ପ୍ରଭାବ ବିସ୍ତାର କରିଥାଏ । ପ୍ରକୃତି କୋଳରେ ମଣିଷ ଶାନ୍ତି ଏବଂ ଖୁସିର ଝଲକ ପାଇପାରିଥାଏ । ପୃଥିବୀର ବିଭିନ୍ନ ଅଂଚଳରେ ଏଭଳି କିଛି ପାର୍କ ରହିଛି ଯାହାକି ପର୍ଯ୍ୟଟକଙ୍କ ବେଶ୍ ଆନନ୍ଦିତ କରିପାରିଥାଏ । ସେଥିମଧ୍ୟରୁ ସିଡ୍‌ନୀର ରୟାଲ ବଟାନିକ ପାର୍କ ଆଜେଲା ଗାର୍ଡେନ୍ ଅନ୍ୟତମ । ଏହା ନ୍ୟୁ ସାଉଥ୍ ୱେଲସ୍‌ର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର । ୩୦ ହେକ୍ଟର ଜମିରେ ପରିବ୍ୟାପ୍ତ ଏହି ପାର୍କରେ ପୃଥିବୀର ସମସ୍ତ ଅଂଚଳର ଫୁଲଗଛ ରହିଛି । ୧୬୩ ବର୍ଷ ତଳେ ଏଠାରେ ଚାର୍ଲସ୍ ମୋରେ ଚାରା ରୋପଣ କରିଥିଲେ । ଏହା ୧୮୫୬ରେ ନିର୍ମିତ ହୋଇଥିଲା ।ଆମେରିକାର ବ୍ରୋକ୍‌ଲାଇନ୍ ବଟାନିକ ଗାର୍ଡେନ୍ ୧୯୧୦ରେ ୫୨ ଏକର ଜମିରେ ନିର୍ମାଣ କରାଯାଇଥିଲା । ଏଥିରେ ୧୪,୦୦୦ ପ୍ରକାର ବୃକ୍ଷଚାରା ପ୍ରଜାତି ରହିଛି । ଏଠାରେ ଏକ ୱାଟର ଗାର୍ଡେନ୍ ମଧ୍ୟ ରହିଛି । ଏଠାରେ ୨୯୯ରୁ ଅଧିକ ଚେରି ବୃକ୍ଷ ରହିଛି ।ଅଷ୍ଟ୍ରେଲିଆ ମାଉଂଟ୍ ଆନ୍ନାରେ ଥିା ବଟାନିକ ଗାର୍ଡେନ୍ ୨,୦୦୦ବର୍ଗ ମିଟର ଅଂଚଳରେ ପରିବ୍ୟାପ୍ତ । ଏଠାରେ ସେପ୍ଟେମ୍ବର ଏବଂ ଅକ୍ଟୋବରରେ ପର୍ଯ୍ୟଟକଙ୍କର ଗହଳି ରହିଥାଏ । ଏଠାରେ ପିଙ୍କ୍, ହଳଦିଆ ଏବଂ ଧଳା ଫୁଲ ଫୁଟିଥାଏ । ଅଷ୍ଟ୍ରେଲିଆ ତୋମହା ବ୍ଲୁ ମାଇଂଟେନ୍ ପାର୍କରେ ୫୨୦୦ ପ୍ରଜାତିର ଗଛ ରହିଛି । ଏଠାରେ ଅଗଷ୍ଟ ୨୪ରୁ ଅସେପ୍ଟମ୍ବର ୧ ମଧ୍ୟରେ ଡାଫୋଡିଲ ଫୁଟିଥାଏ ।

## ଭିତ୍ତିଭୂମି ବିକାଶରେ ହିଣ୍ଡାଲ୍‌କୋ ହିରାକୁଦର ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ସମ୍ବଲପୁର ଜିଲ୍ଲାର ହିରାକୁଦ ଅଂଚଳରେ ଭିତିଭୂମିର ବିକାଶ ନିମନ୍ତେ ସ୍ଥାନୀୟ ହିଣ୍ଡାଲ୍‌କୋ କଂପାନି ସବୁ ବେଳେ ସହଯୋଗ କରିଆସୁଛି । ଏହି ଅନ୍ତର୍ଗତ କଂପାନି ଏକ ଟାଉନ ହଲ୍, ବରିଷ୍ଠ ନାଗରିକଙ୍କ ପାଇଁ ଏକ ଗୋଷ୍ଠୀ କେନ୍ଦ୍ର, ଏକ ସବୁଦିନିଆ ପୋଲ ଏବଂ ପାନୀୟ କିଓସ୍କ ନିର୍ମାଣ କରିଛି । ଆଦିତ୍ୟ ବିର୍ଲା ଗ୍ରୁପ୍ କଂପାନିର ପ୍ରମୁଖ ସଂସ୍ଥା ହିଣ୍ଡାଲ୍‌କୋ ସମ୍ବଲପୁର ଆଖପାଖର ଲୋକମାନଙ୍କ ଜୀବନକୁ ଏଭଳି ସ୍ପର୍ଶ କରିଛି ଯାହା ଅନ୍ୟ କେହି କରିପାରିନାହାଁନ୍ତି । ବାସ୍ତବରେ, ଏହା ହେଉଛି ଆରମ୍ଭ ମାତ୍ର ଏବଂ ଆହୁରି ବହୁତ କିଛି କରିବାର ଅଛି । ଗୋଟିଏ ସାଧାରଣ ବିଷୟ ଏହି ସବୁ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ତାହା ହେଉଛି ଗୋଷ୍ଠୀ ବିକାଶ । ଭିତିଭୂମି ବିକାଶକାରୀମାନେ ସେମାନଙ୍କ କାର୍ଯ୍ୟ ଜାଣିଛନ୍ତି । ଏହାର ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଏହାକ ସ୍ଥାନୀୟ ସମାଜ ଏବଂ ଜିଲ୍ଲା ପ୍ରଶାସନ ସହିତ ମିଶି ସମ୍ବଲପୁରରେ କାର୍ଯ୍ୟ କରୁଛି । ମିସନ୍ ହେଉଛି ? ହିରାକୁଦ ଏବଂ ଏହାର ଆଖପାଖ ଅଂଚଳ ପାଇଁ ଉତମ ଭିତିଭୂମି ବିକଶିତ କରିବା । ରାଜଶ୍ରୀ ବିର୍ଲାଙ୍କ ନେତୃତ୍ୱାଧୀନ ଆଦିତ୍ୟ ବିର୍ଲା ସେଂଟର ଫର କମ୍ୟୁନିଟି ଇନିସିଏଟିଭ୍ ଆଣ୍ଡ୍ ରୁରାଲ୍ ଡେଭେଲପ୍‌ମେଂଟ୍ ଏହି ସହାୟତାର ମୂଳଦୁଆ ସାଜିଛି । କ୍ଷେତ୍ର ଭିତିରେ ପରିବର୍ତନ ଆଣୁଛି ହିଣ୍ଡାଲ୍‌କୋ ହିରାକୁଦ, ଯାହା ଆରମ୍ଭ ହେବା ପରଠାରୁ କରିଥିବା କଲ୍ୟାଣମୂଳକ କାର୍ଯ୍ୟଗୁଡ଼ିକ ସବୁ କଥା କହୁଛି । ସଂଖ୍ୟା କେବେ ମିଛ କହେନି । ହିରାକୁଦ କମ୍ପ୍ଲେକ୍ସର ସାମାଜିକ ପ୍ରକଳ୍ପ ହିରାକୁଦ ଏବଂ ଏହାର ଆଖପାଖ ଅଂଚଳ ବ୍ୟତୀତ ଛଅଟି ଗ୍ରାମରେ ପହଂଚିଛି ଯହାର ଅର୍ଥ ହେଉଛି ୩୩୦୦୦ରୁ ଅଧିକ ଲୋକଙ୍କ ପାଇଁ ଉତମ ଭବିଷ୍ୟତ । ଅନେକ ପ୍ରକଳ୍ପ ମଧ୍ୟରୁ ସାଧାରଣ ଲୋକଙ୍କ ପାଇଁ ୫୦୦ ସିଟ୍‌ର ଟାଉନ୍ ହଲ୍, ହିରାକୁଦର ଗ୍ରାମଗୁଡ଼ିକୁ ସଂଯୋଗ ପ୍ରଦାନ କରିବା ଲାଗି ସବୁଦିନିଆ ପୋଲ, ଗୋଷ୍ଠୀ କେନ୍ଦ୍ରରେ ପାନୀୟ କିଓସ୍କ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ହଲ୍ ଆପଣଙ୍କ ଦୃଷ୍ଟି ଆକର୍ଷଣ କରିବ । ହିଣ୍ଡାଲ୍‌କୋର କ୍ଲଷ୍ଟର ମୁଖ୍ୟ ଆର୍ କେ ଗୁପ୍ତା ଗ୍ରୁପ୍‌ର ଅବଦାନ ବିଷୟରେ ବହୁତ ଭଲ ଭାବେ ଜାଣିଛନ୍ତି ଏବଂ କହିଛନ୍ତି ଯେ, 'ହିରାକୁଦ ଟାଉନ୍ ହଲ ଯାହାକୁ ଆମେ ନିର୍ମାଣ କରିଛୁ ଏବଂ ୨୦୧୯ ମାର୍ଚରେ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଛୁ ତାହ ସହରର ଆବଶ୍ୟକତା ପୂରଣ କରିବ କାରଣ ସାର୍ବଜନୀନ ସଭା ଓ କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ଅନ୍ୟ କୌଣସି ବଡ଼ ହଲ୍ ନାହିଁ । ଏହି ସହଯୋଗ ପାଇଁ ସ୍ଥାନୀୟ ଲୋକମାନେ ହିଣ୍ଡାଲ୍‌କୋକୁ ଧନ୍ୟବାଦ ପ୍ରଦାନ କରିଛନ୍ତି । ନିଶ୍ଚିତ ରୂପେ ଏହା ଅଣଦେଖା ହୋଇନାହିଁ । ସମ୍ବଲପୁର ମୁନିସପାଲିଟି କର୍ପୋରେସନର ଡେପୁଟି କମିସନର ଶୁଭ୍ରାଂଶୁ ଭୂୟାଁ ଏହାକୁ ସ୍ୱୀକୃତି ଦେଇଛନ୍ତି ।

## ଆମାଜନ ରେ ଭିଭୋ ଲଂଚ କରିବ ନୂଆ ସିରିଜ

ଭୁବନେଶ୍ୱର : ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ଭାରତର ସର୍ବବୃହତ ଅନ୍‌ଲାଇନ ବଜାର ଆମାଜନ ସହ ସହବନ୍ଧନର ଘୋଷଣା କରାଯାଇ ୟୁ-ସିରିଜ ଅନ୍ତର୍ଗତ ୟୁ୧୦ ସ୍ମାର୍ଟଫୋନ ର ଉନ୍ମୋଚନ କରାଯାଇଛି । ଏହାର ଅନ୍‌ଲାଇନ କେନ୍ଦ୍ରୀତ ଜେଡ-ସିରିଜ ର ସଫଳତା ପରେ ଏହି ୟୁ-ସିରିଜ ଗ୍ରାହକ ମାନଙ୍କୁ ସୁହାଇବ ବୋଲି ଆଶା କରାଯାଉଛି । ସର୍ବୋତମ ପ୍ରୋସେସର ସହ ଉଚ୍ଚ ପ୍ରଦର୍ଶନ ଓ ଦୀର୍ଘସ୍ଥାୟୀ ବ୍ୟାଟେରି ପାଇଁ ୟୁ୧୦ ସ୍ମାର୍ଟଫୋନରେ ଫାଷ୍ଟ ଚାର୍ଜିଙ୍ଗ ଇନ ଦ ବକ୍ସ ର ବ୍ୟବହାର କରାଯାଉଛି । ଏହା ଆମାଜନରୁ ମିଳୁଥିବା ଗ୍ରାହକ ସମିକ୍ଷାକୁ ଭିତି କରି ପ୍ରସ୍ତୁତ କରାଯିବ ।ଆମାଜନ ସହ ସହବନ୍ଧନ ସମ୍ବନ୍ଧରେ ସୁଚନା ଦେଇ ଭିଭୋ ଇଣ୍ଡିଆ ର ବ୍ରାଣ୍ଡ ଷ୍ଟ୍ରାଟେଜି ନିର୍ଦ୍ଦେଶକ, ନିପୁନ୍ ମାରୟା କହିଛନ୍ତି, 'ଆମେ ସାରା ଦେଶର ଗ୍ରାହକ ମାନଙ୍କ ଚାହିଦାକୁ ଲକ୍ଷ ରଖି ଏ ପ୍ରକାର ଅଭିନବ ସ୍ମାର୍ଟଫୋନ ପ୍ରସ୍ତୁତ କରୁଛୁ । ନୂତନ ପିଢି ପାଇଁ ବିଶ୍ୱାସ ଯୋଗ୍ୟ ଏବଂ ଉଚ୍ଚ ପ୍ରଦର୍ଶନକାରୀ ସ୍ମାର୍ଟଫୋନ ଯୋଗାଇ ଦେବାରେ ଆମାଜନ ସହାୟକ ହେବ ।' ଆମାଜନ ଇଣ୍ଡିଆ ର ମୋବାଇଲ ଫୋନ ବର୍ଗର ଅଧିକାରୀ ନିଶାନ୍ତ ସାର୍ଦ୍ଦନା କହିଛନ୍ତି, 'ୟୁ-ସିରଜ ର ମୂଳରେ ରହିଛି ଆମାଜନର ବିଶ୍ଳେଷଣ ଓ ଭିଭୋର ପ୍ରଯୁକ୍ତି, ଉଚ୍ଚ କ୍ଷମତା ପ୍ରଯୁକ୍ତି ବିଶିଷ୍ଟ ୟୁ୧୦ ସ୍ମାର୍ଟଫୋନ ସ୍ୱଳ୍ପ ମୂଲ୍ୟରେ ଉପଲବ୍ଧ ହେବ ।

## ଆମାଜନ୍.ଇନ୍ ପକ୍ଷରୁ ଏହାର ଡ଼େଲିଭରୀ ନେଟୱାର୍କରେ ସମ୍ପ୍ରସାରଣ

ଭୁବନେଶ୍ୱର: ପାର୍ବଣ ଋତୁର ଆଗମନରେ, ଆମାଜନ୍.ଇନ୍ ଭାରତର ବିଭିନ୍ନ ଅଂଶରେ ଏହାର ଡ଼େଲିଭରୀ ନେଟୱାର୍କକୁ ସଂପ୍ରସାରିତ କରିବା ନିମନ୍ତେ ଘୋଷଣା କରିଛି । ଏହାର ଡ଼େଲିଭରୀ ସେବା ଅଂଶୀଦାର ନେଟୱାର୍କକୁ ୭୫୦ଟି ସହରରେ ୧୪୦୦ରୁ ଅଧିକ ଷ୍ଟେସନ୍ ସହିତ ସଂପ୍ରସାରଣକୁ ଦୁଇଗୁଣ କରିଛି । ଏହି ସଂପ୍ରସାରଣ ସହିତ ଆମାଜନ୍ ଇଣ୍ଡିଆ ବର୍ତ୍ତମାନ ଏହାର ପ୍ରତ୍ୟକ୍ଷ ଯୋଗାଣ ଉପସ୍ଥିତିକୁ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ଝାଡ଼ଖଣ୍ଡ, ପଶ୍ଚିମ ବଙ୍ଗ ପରି ଅନେକ ରାଜ୍ୟରେ ଦୁଇଗୁଣା ବୃଦ୍ଧି କରିଛି । ଆମାଜନ୍.ଇନ୍ ଏହାର ନୂତନ ଶୁଭାରମ୍ଭ ହୋଇଥିବା କାର୍ଯ୍ୟକ୍ରମ 'ଆଇ ହାବ୍ ସ୍ପେସ୍'ର ସଫଳତା ପରେ ନିବେଶ କରିବା ଜାରି ରଖିଛି, ଯାହାକି ଏହାର ଇ-କମର୍ସ ଇଣ୍ଡଷ୍ଟ୍ରିରେ ପ୍ରଥମ ଅଟେ । ୩୫୦ଟି ସହରରେ ଉପସ୍ଥିତ ୨୩,୦୦୦ କ୍ଷୁଦ୍ର ବ୍ୟବସାୟ ଓ ରିଟେଲ୍ ଷ୍ଟୋର୍‌ର ଏହି ନେଟୱାର୍କ କମ୍ପାନୀ ପାଇଁ ଏକ ସ୍ୱତନ୍ତ୍ର ମାନର ଡ଼େଲିଭରୀ ନେଟୱାର୍କ ବଜାୟ ରଖୁଛି । କମ୍ପାନୀ ଜୁନ୍ ୨୦୧୯ରେ ଭାରତର ବାଙ୍ଗାଲୋର୍, ମୁମ୍ବାଇ ଓ ଦିଲ୍ଲୀରେ ଏହାର ଆମାଜନ୍ ଫ୍ଲେକ୍ସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି । ଆମାଜନ୍ ଫ୍ଲେକ୍ସ ସମସ୍ତଙ୍କୁ ମାଲିକ କାରାଇବାରେ ସାହାଯ୍ୟ କରୁଛି, ଯାହା ସେମାନଙ୍କୁ ସେମାନଙ୍କର ନିଜର ସାରଣୀ ପ୍ରସ୍ତୁତ କରିବାରେ ଓ ଆମାଜନ୍ ପ୍ୟାକେଜ୍ ଯୋଗାଣ କରି ଘଣ୍ଟାକୁ ୧୨୦ରୁ ୧୪୦ ଟଙ୍କା କମାଇବା ନିମନ୍ତେ ସହାୟକ ହେଉଛି । ୩ ମାସର ସମୟ ଅବଧି ମଧ୍ୟରେ, ଏହି କାର୍ଯ୍ୟକ୍ରମ ୭ଟି ସହରରେ ପ୍ରସାର ଲାଭ କରିପାରିଛି, ଯାହା ଏହି ପାର୍ବଣ ଋତୁରେ ଚମତ୍କାର ଚାହିଦା ଆଶା କରୁଛି ।

## ରିଅଲ୍‌ମି ପକ୍ଷରୁ ପ୍ରଥମ ୬୪ ଏମ୍‌ପି କ୍ୱାଡ଼ କ୍ୟାମେରା ଫୋନ୍ ରିଅଲ୍‌ମି ଏକ୍ସଟି

ଭୁବନେଶ୍ୱର: ରିଅଲ୍‌ମି ପକ୍ଷରୁ ଦେଶର ପ୍ରଥମ ୬୪ ଏମ୍‌ପି କ୍ୱାଡ଼ କ୍ୟାମେରା ଫୋନ୍ ରିଅଲ୍‌ମି ଏକ୍ସଟିର ଶୁଭାରମ୍ଭ କରାଯାଇଛି । ରିଅଲ୍‌ମି ଏକ୍ସଟି ରିଅଲ୍‌ମିର ଏକ୍ସ ସିରିଜ୍‌ର ଏକ ଅଂଶ ଅଟେ, ଯାହା ରିଅଲ୍‌ମିର ପ୍ରମୁଖ ଗ୍ରାହକ ମାନଙ୍କୁ ଏକ ଆକର୍ଷଣୀୟ କ୍ୱାଡ଼ କ୍ୟାମେରା ଅନୁଭୂତି ପ୍ରଦାନ କରିବା ପାଇଁ 'ଇମେଜିଂ ଲିପ୍' ଗ୍ରହଣ କରିଛି । ଏହି ବ୍ରାଣ୍ଡ ମଧ୍ୟ ଏହାର ଉପକରଣ ସୃଙ୍ଖଳରେ ସଂପ୍ରସାରିତ କରିଛି, ଯେଉଁଥିରେ ରହିଛି ରିଅଲ୍‌ମି ବଡ଼ସ ଓ୍ୱାୟାର୍‌ଲେସ୍ ଇଅର୍‌ଫୋନ୍ ଓ ରିଅଲ୍‌ମି ପାୱାର୍ ବ୍ୟାଙ୍କ । କ୍ୱାଡ଼ କ୍ୟାମେରା ରିଅଲ୍‌ମି ଏକ୍ସଟିରେ ରହିଛି ୪-ଇନ୍-୧ ଆକର୍ଷଣୀୟ ପିକ୍ସେଲ୍ ବିନିଂ, ଏଫ୍/୧.୮ ବୃହତ ଅପେର୍‌ଚର୍ ଓ ଶୁଭାରମ୍ଭ ସ୍ତରର ଫଟୋଗ୍ରାଫି ପ୍ରଦାନ କରିବା ପାଇଁ ଚମତ୍କାର ଆଲୋକ-ଏକତ୍ରିକରଣତା ପ୍ରଦାନ କରୁଥିବା ୬ପି ଲେନ୍ସ । ଶକ୍ତିଶାଳୀ ୧୦ ଏମ୍‌ଏମ୍ ଅକ୍ଟା କୋର୍ ସ୍ନାପ୍‌ଡ୍ରାଗନ୍ ୭୧୨ ଏଆଇଇ ପ୍ରୋସେସର୍ ସହିତ ଏଥିରେ ୨.୩ ଗିଗାହର୍ଜ ସିପିୟୁ ରହିଛି ଏବଂ ଏଥିରେ ଥିବା ତୃତୀୟ ପିଢ଼ି ଏଆଇ ଇନ୍ ଏଆଇ କମ୍ପ୍ୟୁଟିଂକୁ ତ୍ୱରାନ୍ୱିତ କରୁଛି । ଏହା ମଧ୍ୟ କ୍ୱାଲକମ୍ ଆଡ୍ରେନୋ ୬୧୬ ଜିପିୟୁ ଧାରଣ କରିଛି, ଯାହା ବ୍ୟବହାରକାରୀଙ୍କୁ ଚିତାକର୍ଷକ କାର୍ଯ୍ୟଦକ୍ଷତା, ତ୍ୱରିତ ଗେମିଂ ଓ ମନୋରନ ଅନୁଭୂତି ପ୍ରଦାନ କରିଥାଏ । ରିଅଲ୍‌ମି ଏକ୍ସଟିରେ ଗରିଲା ଗ୍ଲାସ୍ ୫ ହଟ୍ ବେଣ୍ଡିଂ ଜ୍ଞାନକୌଶଳକୁ ବ୍ୟବହାର କରାଯାଇଥିବା ୩ଡି ଗ୍ଲାସ୍ ହାଇପର୍‌ବୋଲା କର୍ଭ ବ୍ୟାକ୍ ଡିଜାଇନ୍ ରହିଛି, ଯାହାର ୯୨.୧% ସ୍କ୍ରିନ୍-ଟୁ-ବଡି ରେସିଓ ରହିଛି । ରିଅଲ୍‌ମି ଏକ୍ସଟିର ଅତ୍ୟାଧୁନିକ ଇନ୍-ଡିସ୍‌ପ୍ଲେ ଫିଙ୍ଗରପ୍ରିଣ୍ଟ ଜ୍ଞାନକୌଶଳ- ଗୁଡିକ୍ସ ଜି୩.୦ ଫିଙ୍ଗରପ୍ରିଣ୍ଟ ଅନ୍‌ଲକ୍ ସମାଧାନ ବଜାରରେ ଦ୍ରୁତତମ ଅନ୍‌ଲକ୍ ସ୍ପିଡ଼ ପ୍ରଦାନ କରୁଛି । ରିଅଲ୍‌ମି ଏକ୍ସଟି ଆଣ୍ଡ୍ରଏଡ଼ ୯.୦ କଲର୍ ଓଏସ୍ ଅପରେଟିଂ ସିଷ୍ଟମ୍ ଦ୍ୱାରା ପରିଚାଳିତ, ଯେଉଁଥିରେ ୪୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ରହିଛି ଏବଂ ଏହା ୨୦ୱାଟ୍ ଭୋକ୍ ୩.୦ ଫ୍ଲାସ୍ ଚାର୍ଜ ସହିତ ଦ୍ରୁତ ଚାର୍ଜିଂ ପ୍ରଦାନ କରୁଛି । ରିଅଲ୍‌ମି ଏକ୍ସଟି ଦୁଇଟି ରଙ୍ଗ ପର୍ଲ ହ୍ୱାଇଟ୍ ଓ ପର୍ଲ ବ୍ଲୁ ରେ ଉପଲବ୍ଧ ହେଉଛି ଓ ଏହାର ତିନୋଟି ଭ୍ୟାରିଆଣ୍ଟ ରହିଛି । ୪+୬୪ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୧୫୯୯୯ ଟଙ୍କା, ୬+୬୪ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୧୬୯୯୯ ଟଙ୍କା ଓ ୮+୧୨୮ ଜିବି ଭ୍ୟାରିଆଣ୍ଟର ମୂଲ୍ୟ ୧୮୯୯୯ ଟଙ୍କା ରହିଛି । ରିଅଲ୍‌ମି ଏକ୍ସଟିର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, ଏହାର ୬୪ଏମ୍‌ପି ଅଲଟ୍ରା ହାଇ-ରିଜୋଲ୍ୟୁସନ୍ କ୍ୟାମେରା, ଯେଉଁଥିରେ ସ୍ମାର୍ଟଫୋନ୍‌ରେ ଆଗରୁ କେବେ ଦେଖାଯାଇ ନଥିବା ସର୍ବୋଚ୍ଚ ରିଜୋଲ୍ୟୁସନ୍ ସେନ୍ସର୍ ରହିଛି । କ୍ୱାଡ଼ କ୍ୟାମେରା ସେଟ୍-ଅପ୍ ୯୨୧୬ ଘ ୬୯୧୨, ଅଲଟ୍ରା ୬୪ ମ୍‌ଏପି ମୋଡ଼ ମାଧ୍ୟମରେ ସର୍ବାଧିକ ଭାବେ ଡିଟେଲ୍ ଓ ସୁପର୍-ସ୍କ୍ରିପ୍ ରିଜୋଲ୍ୟୁସନ୍ ଫଟୋ ପ୍ରଦାନ କରୁଛି । ଅତୁଳନୀୟ କ୍ୟାମେରା ଅନୁଭୂତିକୁ ନିଶ୍ଚିତ କରିବା ପାଇଁ ରିଅଲ୍‌ମି ପ୍ରମୁଖ ଜାତୀୟ ଭୌଗୋଳିକ ଫଟୋଗ୍ରାଫର୍, ଆରନ୍ ହୁୟେଙ୍କ ସହିତ ସହଯୋଗିତା କରିଛି, ଯିଏ ରିଅଲ୍‌ମିର ମୁଖ୍ୟ ଫଟୋଗ୍ରାଫି ନିର୍ଦ୍ଦେଶକ । ସେ ସମୁଦ୍ର, ପାହାଡ଼, ଜଙ୍ଗଲ ଓ ସହରର ଚିତ୍ରକୁ ଉତ୍ତୋଳନ କରିବା ନିମନ୍ତେ କ୍ୟାମେରାକୁ ଟ୍ୟୁନିଂ କରିବା କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ମତାମତ ଓ ପରାମର୍ଶ ପ୍ରଦାନ କରୁଛନ୍ତି । ଏହି ଅବସରରେ, ଶ୍ରୀଯୁକ୍ତ ମାଧବ ସେଠ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରିଅଲ୍‌ମି ଇଣ୍ଡିଆ ପ୍ରକାଶ କରିଛନ୍ତି, 'ଭାରତର ପ୍ରଥମ ୬୪ଏମ୍‌ପି କ୍ୱାଡ଼ କ୍ୟାମେରା ସ୍ମାର୍ଟଫୋନ୍ ଭାବେ ରିଅଲ୍‌ମି ଏକ୍ସଟି ସହିତ ଆଉ ଏକ ବିଭାଗର ଶୁଭାରମ୍ଭକରି ଆମେ ଅତ୍ୟନ୍ତ ଉତ୍ସାହିତ, ଯାହା ବଜାରକୁ ଅସିମୀତ ସୁଟିଂ ଅନୁଭୂତି, ଉତ୍ସାହ ପ୍ରଦାନ କରୁଛି । ଆମର 'ଡେଆର୍ ଟୁ ଲିପ୍' ଦର୍ଶନତା ଅଧିକ ବଜେଟ୍ ସେଗ୍‌ମେଣ୍ଟ ମଧ୍ୟକୁ ଅଭିନବ ଶୁଭାରମ୍ଭ ଅନୁଭୂତି ଆଣିଛି ଏବଂ ରିଅଲ୍‌ମି ଏକ୍ସଟି ଅସିମୀତ କ୍ୟାମେରା ଅନୁଭୂତି ସହିତ ଆମର ଦର୍ଶନକୁ ଏକ ଇଚ୍ଛାପତ୍ର ଅଟେ ।

## ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର ଜୟନ୍ତୀ ଅବସରରେ ଭୁବନେଶ୍ୱରରେ ମାଗଣା ଆୟୁର୍ବେଦିକ ପରାମର୍ଶ



ଭୁବନେଶ୍ୱର: ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ ଅବସରରେ ଜିଭା ଆୟୁର୍ବେଦର ନିର୍ଦ୍ଦେଶକ ତଥା ପ୍ରତିଷ୍ଠାତା ଡକ୍ଟର ପ୍ରତାପ ଚୌହ୍ୱାନ ଭୁବନେଶ୍ୱରର ରାଜ୍ୟ ସୂଚନା ଭବନ, ଜୟଦେବ ଭବନରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅନୁଗାମୀମାନଙ୍କୁ ସମ୍ବୋଧିତ କରିଥିଲେ । ରାଜଧାନୀରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ୮୦୦ରୁ ଅଧିକ ବ୍ୟକ୍ତିଙ୍କୁ ଶ୍ରୀ ଚୌହ୍ୱାନ ଅଭିଭାଷଣ ଦେଇଥିଲେ । ସେ ସତ୍‌ସଙ୍ଗ ଅନୁଷ୍ଠାନର ଅବଦାନ ସମ୍ପର୍କରେ ବିସ୍ତାର ସହ ବର୍ଣ୍ଣନା କରିଥିଲେ ଏବଂ ଆଧ୍ୟାତ୍ମିକତାର ଜ୍ୱଳନ୍ତ ଉଦାହରଣ ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ରଙ୍କୁ ନିଜର ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । ଅପରାହ୍ନରେ ଡକ୍ଟର ଚୌହ୍ୱାନ ଜିଭା କ୍ଲିନିକ୍‌ରେ ଅନ୍ୟ ଡାକ୍ତରମାନଙ୍କ ସହ ସତ୍‌ସଙ୍ଗ ଅନୁଷ୍ଠାନର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟଗତ ପରାମର୍ଶ ଦେବା ସହ ଔଷଧ ପ୍ରଦାନ କରିଥିଲେ । ଭୁବନେଶ୍ୱରର ମାଷ୍ଟର କ୍ୟାଂଟିନ୍‌ର ଦୀନଦୟାଲ୍ ଭବନରେ ଥିବା ଜିଭା ଆୟୁର୍ବେଦିକ କ୍ଲିନିକ୍‌ରେ ମଧ୍ୟ ସେ ରୋଗୀଙ୍କୁ ପରାମର୍ଶ ପ୍ରଦାନ କରିଥିଲେ । ବିଗତ ଏକ ବର୍ଷ ଧରି ଜିଭା ଆୟୁର୍ବେଦ ଭୁବନେଶ୍ୱର ଏବଂ ସମଗ୍ର ଓଡ଼ିଶାବାସୀଙ୍କୁ ଆୟୁର୍ବେଦ ଚିକିତ୍ସା, ଔଷଧ ତଥା ସାଧାରଣ ସ୍ୱାସ୍ଥ୍ୟଗତ ପରାମର୍ଶ ଯୋଗାଇ ଆସିଛି ।

## ୟୁଟିଆଇ ଇକ୍ୟୁଟି ଫଣ୍ଡର ଅଭିବୃଦ୍ଧିଶୀଳ ବ୍ୟବସାୟ

ଭୁବନେଶ୍ୱର : ସଫଳ ପୁିନିବେଶ ପାଇଁ ପ୍ରଥମ ସୋପାନ ହେଲା ଏକ ବାସ୍ତବମୁଖୀ ଆର୍ଥିକ ଲକ୍ଷ୍ୟ ସ୍ଥିର କରିବା । ପୁିନିବେଶ କ୍ଷେତ୍ର ସଂପର୍କରେ ସଠିକ୍ ଭାବେ ଅବଗତ ହୋଇପାରିଲେ ଏହା ଆପଣଙ୍କ ଲକ୍ଷ୍ୟ ହାସଲରେ ସହାୟକ ହୋଇପାରିବ । ଆପଣଙ୍କ ଦୀର୍ଘ ମିଆଦୀ ବା ସ୍ୱଳ୍ପ ମିଆଦୀ ନିବେଶ ପାଇଁ ମ୍ୟୁଚୁଆଲ ଫଣ୍ଡ ଉତ୍ତମ ହୋଇପାରେ, କିନ୍ତୁ ଏହାର ସଫଳତା ଆପଣ କିପ୍ରକାର ପ୍ଲାନ ପସନ୍ଦ କରୁଛନ୍ତି ତାହା ଉପରେ ନିର୍ଭର କରେ । ଏହି ପରିପ୍ରେକ୍ଷୀରେ ୟୁଟିଆଇ ଇକ୍ୟୁଟି ଫଣ୍ଡ ବୃହତ, ମଧ୍ୟମ ଓ କ୍ଷୁଦ୍ର ଷ୍ଟକରେ ନିବେଶ କରିଥାଏ । ଏହା ଏକ ଉନ୍ମୁକ୍ତ ଇକ୍ୟୁଟି ଯୋଜନା । ଏହାର ମୂଳଜମା ପରିମାଣ ୯୦୦୦ କୋଟି ଟଙ୍କା ଏବଂ ଗତ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଏହାର ବିଶ୍ୱସନୀୟ ନିବେଶକାରୀଙ୍କ ସଂଖ୍ୟା ୧୨ ଲକ୍ଷ । ଯଦି କେହି ଦୀର୍ଘ ମିଆଦୀ ସୂତ୍ରରେ ପୁିନିବେଶ ପାଇଁ ଚାହୁଁଥିବେ ତାହାଲେ ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ନୂଆ ଯୋଜନା ଏଦିଗରେ ସହାୟକ ହୋଇପାରିବ । ୟୁଟିଆଇ ଇକ୍ୟୁଟି ଫଣ୍ଡର ସଫଳତା ହେଲା ଶକ୍ତିଶାଳୀ ପୁିନିବେଶ ଦର୍ଶନ । ଏହି ନିବେଶ ମାନ, ଅଭିବୃଦ୍ଧି ଓ ମୂଲ୍ୟକୁ ନେଇ ହୋଇଥାଏ । ଏକ ଅଭିଜ୍ଞ ପରିଚାଳନାରେ ରହି ଦୀର୍ଘ ମିଆଦୀ ଭାବେ ଦୃଢ଼ ଅଭିବୃଦ୍ଧି ସାଧନ କରିପାରୁଥିବା ଉଚ୍ଚମାନର ବ୍ୟବସାୟରେ ୟୁଟିଆଇ ଇକ୍ୟୁଟି ଫଣ୍ଡ ଦୃଷ୍ଟି ନିବଦ୍ଧ କରିଥାଏ । 'ମାନ' ହିଁ ଦୀର୍ଘ ମିଆଦୀ ଭିତ୍ତିରେ ଉଚ୍ଚ ମୂଲ୍ୟ ପ୍ରଦାନ କରିବାରେ ସହାୟକ ହୋଇଥାଏ । ଉଚ୍ଚ ମାନର ବ୍ୟବସାୟ ଦୁଃସମୟରେ ମଧ୍ୟ ଉଚ୍ଚ ଆରଓସିଇ ଓ ଆରଓଇ ପ୍ରଦାନ କରିଥାଏ ।ଉଚ୍ଚ ଆରଓସିଇ ଓ ଆରଓଇରେ ଉତ୍ତମ ନଗଦ ଅର୍ଥ ପ୍ରବାହ ହୋଇଥାଏ । ଏହି ଅର୍ଥ ପ୍ରବାହ ହିଁ ଆର୍ଥିକ ମୂଲ୍ୟ ସୃଷ୍ଟିର ଉତ୍ସ ହୋଇଥାଏ । କୌଣସି ବ୍ୟବସାୟରେ ଦୀର୍ଘମିଆଦୀ ସାମଗ୍ରୀକ ଅଭିବୃଦ୍ଧିକୁ ହିଁ 'ଅଭିବୃଦ୍ଧି' ଭାବେ ବିବେଚନା କରାଯାଇଥାଏ । ଏହା ଚକ୍ରାକାର ଅଣଆକଳିତ ଅଭିବୃଦ୍ଧି ନୁହେଁ । ଏହି ଅଭିବୃଦ୍ଧି ଆକଳିତ ତଥା ସ୍ଥିର ହୋଇଥାଏ । ଚକ୍ରାକାର ବା ନିମ୍ନମୁଖୀ ଅଭିବୃଦ୍ଧି କ୍ଷୀପ୍ର ହୋଇଥାଏ ଯାହା ନିବେଶକଙ୍କୁ ଉଭୟ ଦିଗରୁ ଆଶ୍ଚର୍ଯ୍ୟାନ୍ୱିତ କରିଥାଏ । କିନ୍ତୁ ସାମଗ୍ରୀକ ଅଭିବୃଦ୍ଧିରେ ପ୍ରାୟତଃ ଭବିଷ୍ୟତ ଆଶାଆକାଂକ୍ଷା ସୁରକ୍ଷିତ ରହିପାରିଥାଏ । ଏକ ଉଚ୍ଚ ମାନର ବ୍ୟବସାୟ ଆର୍ଥିକ ମୂଲ୍ୟ ସୃଷ୍ଟି କରିଥାଏ ଏବଂ ଉଚ୍ଚ ଅଭିବୃଦ୍ଧିଶୀଳ ବ୍ୟବସାୟ ଆର୍ଥିକ ମୂଲ୍ୟକୁ ବୃଦ୍ଧି କରିଥାଏ । ଏହି କାରଣରୁ ମାନ ଓ ଅଭିବୃଦ୍ଧି ଥିବା ଷ୍ଟକ ନିବେଶକମାନେ ଖୋଜିଥାନ୍ତି । ପୁି ନିବେଶ ଦର୍ଶନର ଶେଷ ସ୍ତମ୍ଭ ହେଲା 'ମୂଲ୍ୟାୟନ' । ବଡ଼ କାରବାରରେ ପ୍ରବେଶ ସମୟରେ ମୂଲ୍ୟାୟନ ହିଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ତେଣୁ ଷ୍ଟକରେ ପ୍ରବେଶ ପୂର୍ବରୁ ଜଣେ ଏ ଦିଗରେ ଅତ୍ୟନ୍ତ ସତର୍କ ହେବା ଆବଶ୍ୟକ । ଯଦିଓ ପ୍ରାଇସ୍ ଟୁ ଇର୍ଣ୍ଣିଂ (ପି/ଇ) ମଲଟିପୁଲ ମୂଲ୍ୟ ବୁଝାମଣା ପାଇଁ ଏକ ଉତ୍ତମ ଆରମ୍ଭ କିନ୍ତୁ ମୂଲ୍ୟାୟନ କୌଶଳରେ ଏହା ଅବୁଝା ହୋଇ ରହିଛି । ଉଚ୍ଚ ଅରଓସିଇ ଓ ଉଚ୍ଚ ଅଭିବୃଦ୍ଧିଶୀଳ ବ୍ୟବସାୟ ଉଚ୍ଚ ପି/ଇ ଆଶା କରେ । ଏଥିରେ ଦୀର୍ଘ ମିଆଦୀ ଭିତ୍ତି ତଥା ବ୍ୟବସାୟିକ ନିୟମ ଦୃଷ୍ଟିରୁ ନିବେଶ ଉତ୍ତମ । କିନ୍ତୁ ପି/ଇ ସିଦ୍ଧାନ୍ତ ଗ୍ରହଣ ପୂର୍ବରୁ ପ୍ରତି ବ୍ୟବସାୟର ଚରିତ୍ର ସତର୍କତାର ସହ ଅନୁଧ୍ୟାନ କରାଯିବା ଆବଶ୍ୟକ । ଏହା ପରେ ଏହାର ମୂଲ୍ୟ ସ୍ଥିର କରାଯିବା ଆବଶ୍ୟକ । ୟୁଟିଆଇ ଇକ୍ୟୁଟି ଫଣ୍ଡ ବଜାଜ ଫାଇନାନ୍‌ସ ଲିମିଟେଡ଼, ଏଚଡ଼ିଏଫସି ବ୍ୟାଙ୍କ ଲିମିଟେଡ଼, ଏଚଡ଼ିଏଫସି ଲିମିଟେଡ଼, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼, ଟିସିଏସ୍ ଲିମିଟେଡ଼, ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ ଲିମିଟେଡ଼, ଇନଫୋସିସ୍ ଲିମିଟେଡ଼, ଏଲ ଏଣ୍ଡ ଟି ଇନଫୋଟେକ୍ ଲିମିଟେଡ଼, ଇନଫୋ (ଏଜ) ଇଣ୍ଡିଆ ଲିମିଟେଡ଼, ଆଷ୍ଟ୍ରାଲ ପଲିଟେକନିକ୍ ଲିମିଟେଡ଼ରେ ପୁି ନିବେଶ କରିଥାଏ । ଗତମାସ ୩୧ ତାରିଖ ସୁଦ୍ଧା ଫଣ୍ଡର ୪୫% ପୁି ଏହି ସଂସ୍ଥାରେ ନିବେଶ ହୋଇଥାଏ । ଦୀର୍ଘ ମିଆଦୀ ପୁି ଅଭିବୃଦ୍ଧି ଚାହୁଁଥିବା ନିବେଶକାରୀଙ୍କ ପାଇଁ ୟୁଟିଆଇ ଇକ୍ୟୁଟି ଫଣ୍ଡ ଉତ୍ତମ ଅଟେ । ଏଥିରେ ଆର୍ଥିକ ମୂଲ୍ୟ ସୃଷ୍ଟି ହୋଇପାରିଥାଏ । ସ୍ୱଳ୍ପ ମିଆଦୀରେ ନିବେଶକାରୀ ୫ ରୁ ୭ ବର୍ଷ ପାଇଁ ପୁିନିବେଶ କରି ଦୀର୍ଘମିଆଦୀ ନିବେଶର ସୁଫଳ ପାଇପାରିବେ । ତେଣୁ ଜନସାଧାରଣ ଏହାକୁ ବିଚାରକୁ ନେଇପାରିବେ ।

## ବିଦେଶୀ ମେଡ଼ିକାଲ୍ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବ ସିବନ ହସ୍ପିଟାଲ୍

ଭୁବନେଶ୍ୱର : ପଶ୍ଚିମ ବଙ୍ଗର ଏକ ବୃହତ ତଥା ସୁପରିଚିତ ହସ୍ପିଟାଲ୍ ଭାବେ ଜଣାଶୁଣା ସିବନ ହସ୍ପିଟାଲ୍ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ସ ଏକ୍‌ଜାମିନେସନ୍ (ଏଫ୍‌ଏମ୍‌ଜିଇ) ତାଲିମ୍ ଅଧିବେଶନର ଆୟୋଜନ କରୁଛି, ଯେଉଁଥିରେ ଚାଇନା, ଋଷିଆ, କିର୍ଜିସ୍ତାନ ଓ ବାଙ୍ଗଲାଦେଶ ପମୁଖ ଦେଶମାନଙ୍କ ମେଡ଼ିକାଲ୍ ଛାତ୍ରଛାତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବର୍ତ୍ତମାନ ସିବନ ହସ୍ପିଟାଲ୍ ମେଡ଼ିକାଲ୍ ଶିକ୍ଷା, ପାରାମେଡ଼ିକାଲ୍ ତାଲିମ ଓ ନର୍ସିଂ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ବହନ କରୁଛି ।ଏହି ହସ୍ପିଟାଲ୍ ଲିଙ୍କଲନ୍ ୟୁନିଭର୍ସିଟି କଲେଜ୍ (ଏଲ୍‌ୟୁସି), ମାଲେସିଆ ସହ ଡକ୍ଟର ଅଫ୍ ମେଡ଼ିସିନ୍ (ଏମ୍‌ଡି) ପାଠ୍ୟକ୍ରମ ନିମନ୍ତେ ସହବନ୍ଧିତା କରିଛି, ଯେଉଁ ପାଠ୍ୟକ୍ରମ ଭାରତରେ ଏମ୍‌ବିବିଏସ୍ ସହିତ ସମାନ ଅଟେ । ଏଥିରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରୀକ୍ଷା, ଯେପରିକି- ଏଫ୍‌ଏମ୍‌ଜିଇ/ନେକ୍ସଟ୍, ୟୁଏସ୍‌ଏମ୍‌ଏଲ୍‌ଇ, ପିଏଲ୍‌ଏବି ଆଦି ନିମନ୍ତେ ତାଲିମ ପ୍ରଦାନ କରାଯିବ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray